## ସଂକ୍ଷେପରେ

### ଆଜିଠାରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

ଯାଜପୁର ଟାଉନ,୨୩।୫(ଡି.ଏନ.ଏ): ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଯାଜପୁର ଜିଲା କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ୨୪ ତାରିଖରେ ବରୀ ବ୍ଲକ ପାଇଁ କୃପାସିନ୍ଧୁ ବିଦ୍ୟା ଭବନ, କୋରେଇ ଓ ବ୍ୟାସନଗର ପାଇଁ ଏନ୍‌ସି ହାଇସ୍କୁଲଠାରେ ଏହା ଅନୁଷ୍ଠିତ ହେବାକୁ ଥିବାବେଳେ ୨୬ ତାରିଖରେ ଧର୍ମଶାଳା ବ୍ଲକ ପାଇଁ ଧର୍ମଶାଳା ବାଣୀପୀଠ ଓ ବିଞ୍ଝାରପୁର ଏବଂ ଦଶରଥପୁର ବ୍ଲକ ପାଇଁ ବିଞ୍ଝାରପୁର ବ୍ଲକ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ହାଇସ୍କୁଲରେ ଅନୁଷ୍ଠିତ ହେବ। ସେହିପରି ୨୭ ତାରିଖରେ ବଡ଼ଚଣା ବ୍ଲକ ପାଇଁ ଚଣ୍ଡିଖୋଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସୁକିନ୍ଦା ବ୍ଲକ ପାଇଁ କୁହିକାସ୍ଥିତ ମହାବୀର ସରକାରୀ ହାଇସ୍କୁଲଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ ୧ରେ ଯାଜପୁର ସହର ଓ ଯାଜପୁର ବ୍ଲକ ପାଇଁ ପଣସା ପଞ୍ଚାୟତର ଭଗବାନନ୍ଦ ହାଇସ୍କୁଲଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ପ୍ରତିଭାମାନେ ପୂର୍ବରୁ ନିଜ ନାମ ପଞ୍ଜୀକରଣ କରିଥିବେ ସେମାନେ ନିଜର ବୟସ ପ୍ରମାଣପତ୍ର, ଜନ୍ମଗତ ପ୍ରମାଣପତ୍ର ଓ ନିଜ ଶିକ୍ଷାନୁଷ୍ଠାନର ବୟସ ପ୍ରମାଣପତ୍ର ଦାଖଲ କରିବା ସହିତ ନିଜେ ଉପରୋକ୍ତ ବିଦ୍ୟାଳୟରେ ସମ୍ପୃକ୍ତ ଦିବସଗୁଡ଼ିକରେ ସକାଳ ୭ଟା ରୁ ୧୧ଟା ମଧ୍ୟରେ ସାର୍ଟିଫିକେଟ ଗୁଡ଼ିକର ଯାଞ୍ଚପାଇଁ ଉପସ୍ଥିତ ରହିବେ। ଆବେଦନକାରୀଙ୍କ ବୟସ ସୀମା ୧୦ରୁ ୧୫ ବର୍ଷ ହୋଇଥିବା ଆବଶ୍ୟକ। ତେବେ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଜିଲା କ୍ରୀଡ଼ା ଅଧିକାରୀଙ୍କ ମୋବାଇଲ ଫୋନ୍ ନମ୍ବର ୭୦୦୮୮୫୭୨୦୨ ଏବଂ ହକି ପ୍ରଶିକ୍ଷକଙ୍କ ନଂ. ୭୯୧୫୦-୭୯୪୫୪ରେ ଯୋଗାଯୋଗ କରିବା ପାଇଁ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ କହିଛନ୍ତି।

### ଜାଗା ସମ୍ପର୍କ କାର୍ଯ୍ୟକ୍ରମ



ଯାଜପୁର ରୋଡ,୨୩।୫(ଡି.ଏନ.ଏ.): ବ୍ୟାସନଗର ପୌର ପରିଷଦର ସାପଗାଡ଼ିଆ ହରିଜନ ସାହିରେ ସୋମବାର ଜାଗା ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ବସ୍ତି ସାପଗଡ଼ିଆ ହରିଜନସାହି, ପନାସିଆ ଆଦିବାସୀ ସାହି ଓ ବାଙ୍କିସାହିର ବସ୍ତିବାସିନ୍ଦା ଯୋଗଦେଇଥିଲେ। ବାଙ୍କିସାହି ସଭାପତି ବିଦ୍ୟୁତ୍‌ପ୍ରଭା ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପାଧକ୍ଷ ସୁବାସ ଚନ୍ଦ୍ର ବଳ, କାଉନସିଲର କୁନି ହାଁସଦା ଓ ଅନ୍ନପୂର୍ଣ୍ଣା ତରେଇ ପ୍ରମୁଖ ଯୋଗଦେଇ ଜାଗା ସମ୍ପର୍କ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂକ୍ରାନ୍ତରେ ବୁଝାଇଥିଲେ। ଏହାସହ ଭିଡିଓ ମାଧମରେ ସରକାରଙ୍କ ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

### ନବନିର୍ବାଚିତ ସଭାପତିଙ୍କୁ ଅଭିନନ୍ଦନ

ଯାଜପୁର ଟାଉନ,୨୩।୫(ଡି.ଏନ.ଏ.): ଅଖିଳ ଭାରତ କଂଗ୍ରେସ କମିଟି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଶରତ ପଟ୍ଟନାୟକଙ୍କୁ ମନୋନୀତ କରିଥିବାରୁ ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ୟପକ୍ଷରେ ନୂତନ ସଭାପତି ଭାବେ ଶରତ ନିଯୁକ୍ତି ପାଇଥିବାରୁ ଯାଜପୁର ଜିଲାରେ କର୍ମୀଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ବଳଭଦ୍ର ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଦିଗମ୍ବର କର, ରାଜୀବ ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ସଂଗ୍ରାମ ସାହାଣୀ, ଅବଦୁଲ ସଲିମ୍ ଖାଁ , ପ୍ରତିମା କର, ନାରାୟଣ ଚନ୍ଦ୍ର ସାମନ୍ତ, ବିଭୂତି ମହାପାତ୍ର, ଦିଲୀପ ଦାସ, ବଟକୃଷ୍ଣ ମହାପାତ୍ର, ସୁଶାନ୍ତ ସେନାପତି, ଗଦାଧର ଦାସ, ବିକାଶ ରାଉତ, ନିକୁଞ୍ଜ ସାମଲ, ଆଲୋକ ବେହେରା, ସଂଗ୍ରାମ ଜେନା, ପ୍ରିୟଦର୍ଶିନୀ ସାମନ୍ତ, ହୃଷୀକେଶ ପତି, ଅନିଲ ମହାନ୍ତି, କନକଲତା ରାଉତ ଓ ଆଦିତ୍ୟ ମହାନ୍ତି ପ୍ରମୁଖ ଶରତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ସହରରେ ଠପ୍ ହୋଇଗଲା ଗାଡ଼ି ଚଳାଚଳ

ଯାଜପୁର ଟାଉନ,୨୩।୫(ଡି.ଏନ.ଏ.):

ଯାଜପୁର ଜିଲା ସଦର ମହକୁମାରେ ନବନିର୍ମାଣ କୃଷକ ସଂଗଠନ ନେତୃତ୍ୱରେ ସୋମବାର ଏକ ବିଶାଳ ଚାଷୀ ସମାବେଶ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏନ୍‌ସି କଲେଜଠାରୁ ଚାଷୀଙ୍କ ଏକ ବିଶାଳ ରାଲି ମାନ୍‌ସାପୋଲ ଦେଇ ସମଗ୍ର ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ନିଜର ଶକ୍ତି ପ୍ରଦର୍ଶନ ଆଳରେ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତେବେ ବିପୁଳ ଚାଷୀଙ୍କ ଦୀର୍ଘ ସମୟର ଶୋଭାଯାତ୍ରା ଓ ସଭା ପାଇଁ ସହରରେ ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ଶୋଭାଯାତ୍ରାରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ନିମାଇଁ ରାୟ, ରାଜ୍ୟସ୍ତରୀୟ କୃଷକ ନେତା ଶେଷଦେବ ନନ୍ଦ, ଉମାକାନ୍ତ ଭାରତ, ରଶ୍ମିରଞ୍ଜନ ସ୍ୱାଇଁ, ମନୱର ଅଲ୍ଲୀ, ଜିଲାର ବିଭିନ୍ନ ଅଞ୍ଚଳର କୃଷକ ନେତା ଅଶୋକ ଶାନ୍ତି, ଭୁବନାନନ୍ଦ ସାମଲ, ମାଧବାନନ୍ଦ ଶାନ୍ତି, ଲକ୍ଷ୍ମୀଧର ସାହୁ, ମୁକୁନ୍ଦ ଚନ୍ଦ୍ର ମହାନ୍ତି, ଅଜୟ ରାଉତ, ପ୍ରତାପ



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନାୟକ, ଦିନେଶ ଦାସ, ଶିଶିର ସାମଲ, ନରହରି ଦାସ, ଚୌଧୁରୀ ଜେନା, ସୁରେନ୍ଦ୍ର ରାୟଙ୍କ ସମେତ ଜିଲା ଓ ବ୍ଲକ କର୍ମକର୍ତ୍ତା ଯୋଗ ଦେଇଥିଲେ।

ଜିଲାପାଳଙ୍କ ଅଫିସ ନିକଟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଂଯୋଜକ ରାୟ ଅଧକ୍ଷତା କରିଥିବାବେଳେ ଉପରୋକ୍ତ ନେତୃବୃନ୍ଦ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ମନୋଭାବ ଏବଂ ତ୍ରୁଟିପୂର୍ଣ୍ଣ କୃଷକ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଚାଷୀ ଦେଶବାସୀଙ୍କ ପେଟକୁ

### ୧୨ ଦଫା ଦାବିରେ ନବନିର୍ମାଣ କୃଷକ ସଂଗଠନର ବିକ୍ଷୋଭ

ଦାନା ଯୋଗାଇ ଦେଉଥିବାରୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ, ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ଏବଂ ସରକାରୀ କର୍ମଚାରୀଙ୍କ ଭଳି ବୟସାଧିକ ଚାଷୀଙ୍କୁ ପେନସନ ଆଦି ପ୍ରଦାନ ପାଇଁ ଦାବି କରାଯାଇଥିଲା। ରାଜ୍ୟ ସରକାର ୩୬ ଲକ୍ଷ ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏ ଭତ୍ତା ଦେବା, ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ୫୦୦ ସ୍ଥାନରେ ୨୦୦୦ କରିବା, ଧାନର ସର୍ବନିମ୍ନ ମୂଲ୍ୟ ବିଧାନସଭାରେ ପାରିତ ସର୍ବସମ୍ମତ ପ୍ରସ୍ତାବ ଅନୁଯାୟୀ କୁଇଣ୍ଟାଲ ପ୍ରତି ୧୯୩୦ ଟଙ୍କା ପାଇଁ ବର୍ତ୍ତମାନର ଏମ୍‌ଏସ୍‌ପି ୧୯୪୦ ଟଙ୍କା ଉପରେ ଆଉ ହଜାରେ ଟଙ୍କା ବୋନସ ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ସେହିପରି କାଳିଆ ଯୋଜନାରୁ ବାଦ୍ ପଡ଼ିଥିବା ବହୁ ଯୋଗ୍ୟଚାଷୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଯୋଜନାରେ ସାମିଲ ଏବଂ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ କ୍ଷୁଦ୍ର ଚାଷୀଙ୍କୁ ୧୦ ହଜାର ଓ ଭୂମିହୀନଙ୍କୁ ସାଢେ ୧୨ ହଜାର ଟଙ୍କା ଲେଖାଏ ପ୍ରଦାନ ସହ ପିଏମ୍ କିଷାନ ପାଇଁ ସେମାନଙ୍କ ନାମ ସୁପାରିସ କରାଯିବା, କରୋନା ସମୟରେ ଆର୍ଥିକ ଦୁଃସ୍ଥିତିରେ ଥିବା ଚାଷୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା, ଧାନମଣ୍ଡି ଗୁଡ଼ିକରେ ଚାଲିଥିବା ଚଞ୍ଚକତାକୁ ବନ୍ଦ କରିବା, ବିଦ୍ୟୁତ୍ ବିଭାଗର ଦୌରାତ୍ମ୍ୟରେ ଚାଷୀକୂଳ ଓ ଜନସାଧାରଣ ଅତିଷ୍ଠ ହେଉଥିବାରୁ ଘରୋଇକରଣକୁ ବାଦ୍ କରାଯାଇ ବିଜୁଳିର ମୂଲ୍ୟ ହ୍ରାସ, ବିଦ୍ୟୁତ୍ ଦେୟ ଆଦାୟ ପାଇଁ ଜୁଲମ ବନ୍ଦ ଓ ଅଘୋଷିତ ବିଜୁଳି କାଟ ବନ୍ଦ ସହ ଚାଷୀଙ୍କୁ ମୁକ୍ତ ଭାବେ ସେବା ପ୍ରଦାନ କରାଯିବାକୁ ସଂଗଠନ ଦାବି କରିଛି। ଫସଲ ନଷ୍ଟ କରୁଥିବା ମାଙ୍କଡ଼ପଲଙ୍କୁ ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ ଛାଡ଼ିବାର ବ୍ୟବସ୍ଥା କରିବା ଓ ବୁଲାଷଣ୍ଢଙ୍କ ପାଇଁ ସ୍ୱତନ୍ତ୍ର ରହଣୀସ୍ଥଳର ବ୍ୟବସ୍ଥା, ଚାଷ ଜମିରୁ ଜଳ ନିଷ୍କାସନ ନ ହୋଇ ବରୀ, ବଡ଼ଚଣା ଓ ବିଞ୍ଝାରପୁର ଆଦି ଅଞ୍ଚଳରେ ହଜାରହଜାର ହେକ୍ଟର ଜମିର ଫସଲ ନଷ୍ଟ ହେଉଥିବାରୁ ସେଠାରେ ଜଳ ନିଷ୍କାସନ ପାଇଁ ଉତ୍ତମ ବ୍ୟବସ୍ଥା ଓ କ୍ଷତିପୂରଣ ପ୍ରଦାନ ଆଦି ୧୨ ଦଫା ଦାବି ନେଇ ଉକ୍ତ ଆନ୍ଦୋଳନ କରାଯାଇଥିଲା।

### ହାଇଦ୍ରାବାଦରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

■ କାମ କରୁଥିବାବେଳେ ହାଇଡ୍ରୋଲିକ୍ ମେଶିନରେ ଚାପି ହୋଇଗଲେ

ଚଣ୍ଡିଖୋଲ,୨୩।୫(ଡି.ଏନ୍.ଏ.): ହାଇଦ୍ରାବାଦଠାରେ କାର୍ଯ୍ୟ କରୁଥିବାବେଳେ ହାଇଡ୍ରୋଲିକ୍ ମେଶିନରେ ଚାପି ହୋଇ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଖଇରା ଗ୍ରାମର ହଳଧର ଦଳାଇଙ୍କ ପୁଅ ମହେଶ୍ୱର ଦଳାଇ(୨୭)ଙ୍କ ମୃତ୍ୟୁ ଘଟିଛି। ଏହି ଖବର ପାଇବାପରେ ବଡ଼ଚଣା ଓ ଖଇରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ ଶନିବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଅପରାହ୍ନରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ବଡ଼ଚଣା ଛକରେ ପହଞ୍ଚିଲାପରେ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ଖଇରା ଗ୍ରାମକୁ ନିଆଯାଇଥିଲା। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଖଇରା ସରପଞ୍ଚ ସଂଯୁକ୍ତା ମଲ୍ଲିକ, ପୂର୍ବତନ ସରପଞ୍ଚ ହରପ୍ରିୟା ବରାଳ, ବିନୟ ପୃଷ୍ଟି, ରବୀନ୍ଦ୍ର ଦଳେଇ, ଅଶୋକ ଓତା, ବୈକୁଣ୍ଠ ବରାଳ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ମାଲ ପରିବହନ ଗାଡ଼ିରେ ବିପଦପୂର୍ଣ୍ଣ ଯାତ୍ରା

### ପରିବହନ ବିଭାଗ, ପୋଲିସର ନିଘା ନାହିଁ

ଚଣ୍ଡିଖୋଲ,୨୩।୫(ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ନେଇ ବ୍ୟାପକ ସଚେତନତା କରାଯାଉଛି। ଏପରି କି ପରିବହନ ବିଭାଗ ଓ ଟ୍ରାଫିକ୍ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଛକ ଓ ରାସ୍ତାରେ ସଚେତନତା କରାଯାଉଛି। ସଭା ସମିତି ଜରିଆରେ ସଚେତନତାର ବାର୍ତ୍ତା ଜନସାଧାରଣଙ୍କୁ ଦିଆଯାଉଛି। ତଥାପି ଲୋକମାନଙ୍କ ମଧ୍ୟରେ ସଚେତନତା ଆସୁନାହିଁ। ଏଭଳି ଘଟଣା ଦେଖିବାକୁ ମିଳୁଛି ବ୍ୟସ୍ତ ବହୁଳ ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥ ଓ ୧୬ନଂ. ଜାତୀୟ ରାଜପଥରେ। ମାଲ ପରିବହନ ଗାଡ଼ିରେ ଯାତ୍ରୀଙ୍କୁ ନିଆଯାଉଛି। ଯାହାକି ଆଇନ ଅନୁଯାୟୀ ଏକ ଧର୍ତ୍ତବ୍ୟ ଅପରାଧ।

ଚଣ୍ଡିଖୋଲଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରହିଥିବାବେଳେ ସେଠାରେ ମଧ୍ୟ ଟ୍ରାଫିକ୍ ଥାନା ରହିଛି। ସମସ୍ତଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଟ୍ରାକ୍ଟର ମଧ୍ୟରେ ଯାତ୍ରୀ ପରିବହନ କରାଯାଉଛି। ବହୁ ସ୍ଥାନରେ ଟ୍ରାକ୍ଟର ଲେଉଟି ଦୁର୍ଘଟଣା ଘଟିବା ସହ ଜନଜୀବନ କ୍ଷତି ହେଉଛି। ତଥାପି ଗାଡ଼ିର ମାଲିକ କିମ୍ବା ଡ୍ରାଇଭର ଏଥିପ୍ରତି ସଚେତନ ହେଉନାହାଁନ୍ତି। ଠିକାଦାରମାନେ ଶ୍ରମିକମାନଙ୍କୁ ଟ୍ରାକ୍ଟର ଜରିଆରେ ପରିବହନ କରୁଥିବା ଦେଖିବାକୁ ମିଳିଛି। ଟାଟା ଏସ୍‌ସି ଓ ପିକ୍‌ଅପ ଭ୍ୟାନ୍ ମାଲ ପରିବହନ ଜାଗାରେ ଶ୍ରମିକମାନଙ୍କୁ ଲଦି ନିଆଯାଉଛି। ହେଲେ କୌଣସି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି


ଟ୍ରାକ୍ଟରରେ ଲୋକେ ଯାତ୍ରା କରୁଛନ୍ତି।

ନଜର ଦେଉନାହାନ୍ତି। ଶନିବାର ଏକ ଟ୍ରାକ୍ଟରେ ଶ୍ରମିକମାନଙ୍କୁ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ସେଥିମଧ୍ୟରେ କେତେଜଣ ଶିଶୁ ଶ୍ରମିକ ମଧ୍ୟ ରହିଥିଲେ। ଗୋଟିଏ ଟ୍ରାକ୍ଟର ଡ଼ାଲାରେ ୨୦ରୁ ଅଧିକ ଲୋକ ବସିକି ଯାଉଥିଲେ। ବିଭିନ୍ନ ସମୟରେ ଓଭର ଲୋଡ଼ ଗାଡ଼ି ଯାଞ୍ଚ କରି ଜରିମାନା ଆଦାୟ କରାଯାଉଥିବାବେଳେ ଏବେ ବାଇକ୍ ଆରୋହୀଙ୍କ ଉପରେ ଅଧିକ ନଜର ରହୁଛି। ଜାତୀୟ ରାଜପଥ ଉପରେ କ୍ୟାମେରା ଲଗାଇ ହେଲମେଣ୍ଟ ପିନ୍ଧି ନ ଥିବା ବାଇକ୍ ଚାଳକଙ୍କ ଘରକୁ ନୋଟିସ୍ ପଠାଇ ଦିଆଯାଉଛି। ବେଆଇନ ଭାବେ ଯାତ୍ରୀ ପରିବହନ କରୁଥିବା ଏହି ମାଲବାହୀ ଗାଡ଼ିଗୁଡ଼ିକ ଉପରେ ଯଦି ଅଙ୍କୁଶ ଲଗାଯାଆନ୍ତା ତେବେ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା। ଏଥିପ୍ରତି ପରିବହନ ବିଭାଗ ଓ ପୋଲିସ ସଚେତନ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ପିତ କୁମାରଙ୍କୁ ପଚାରିବାରେ ବହୁ ସମୟରେ ଜାତୀୟ ରାଜପଥ ଉପରେ ତନଖି କରାଯାଉଛି। ତେବେ ଏଭଳି ଘଟଣା ଆମ ନଜରକୁ ଆସିଲେ ଗାଡ଼ି ଜବତ କରାଯିବା ସହ ମୋଟା ଅଙ୍କରେ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

### ବେଆଇନ ବାଲି ଚାଲାଣ ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୩।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ରାଜସ୍ୱ ବିଭାଗ ପକ୍ଷରୁ ନିଲାମ ଦିଆଯାଇ ନ ଥିବା ବାଲି ଖାଦାନଗୁଡ଼ିକରୁ ବେଆଇନ ବାଲି ଚାଲାଣ ବଢ଼ିବାରେ ଲାଗିଛି। ସରକାରୀ ନୀତିନିୟମକୁ ବେଖାତିର କରି ହାଇୱା, ଟ୍ରକ୍‌ରେ ମନଇଚ୍ଛା ବାଲି ଚାଲାଣ ହେଉଛି। ମାଫିଆମାନେ ଆଇନ ଉଲ୍ଲଂଘନ କରି ନିଲାମ ହୋଇ ନ ଥିବା ବ୍ରାହ୍ମଣୀ ନଦୀ ପଠା ନୀଳକଣ୍ଠପୁର ଖାଦାନରୁ ଚୋରାରେ ଦିନରାତି ବାଲି ଉଠାଉଛନ୍ତି। ପୁନଶ୍ଚ ଅଧିକାଂଶ ଭାରିଯାନରେ ମାତ୍ରାଧିକ ବାଲି ବୋଝେଇ କରାଯାଉଛି। ପାଲ ମଧ୍ୟ ଘୋଡ଼ା ଯାଉନାହିଁ। ଫଳରେ ସାମାନ୍ୟ ପବନରେ ବାଲି ଉଡ଼ି ରାସ୍ତାରେ ପଡୁଛି। ଏହା ପରିବେଶକୁ ପ୍ରଦୂଷିତ କରୁଛି। ବେଆଇନ ଭାବେ ସ୍ପଷ୍ଟ ଦିବାଲୋକରେ ଟ୍ରକ୍, ହାଇୱା ଭଳି ଭାରିଯାନ ଚଳାଚଳ ଦୁର୍ଘଟଣା ବଢ଼ାଉଛି। ଦିନବେଳା ଉକ୍ତ ଗାଡ଼ି ଚଳାଚଳ ବନ୍ଦ କରିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଦୀର୍ଘବର୍ଷ ହେବ ନୀଳକଣ୍ଠପୁର ଖାଦାନକୁ ନିଲାମ ଦିଆଯାଉନାହିଁ। ବେଆଇନ ଭାବେ ବାଲି ଉଠାଣ ହେଉ ଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ। ବେଆଇନ ବାଲି ଖାଦାନଗୁଡ଼ିକୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯାଇ ବାଲି ଉଠାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବାଲି ଚାଲାଣରେ ବ୍ୟବହୃତ ଯାନବାହନଗୁଡ଼ିକର ଟ୍ରିପ୍ ପାସ୍ ଯାଞ୍ଚ ହେବ। ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ବାଲି ପରିବହନ ଉପରେ କଟକଣା ଜାରି କରାଯିବ ବୋଲି ସେ କହିଛନ୍ତି।

# ଲକ୍ଷ୍ମଣଜୀଉ କଣ୍ଢେଇ ମେଳଣ ଉଦ୍‌ଯାପିତ


କଣ୍ଢେଇ ମେଳଣରେ ଯୋଗଦେଇଥିବା ବିମାନ ଚାରାରେ ବସିଛନ୍ତି।

ଧର୍ମଶାଳା,୨୩।୫ (ଡି.ଏନ.ଏ.):

ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ସାନରାୟପଡ଼ା ଗ୍ରାମରେ ବାବା ଲକ୍ଷ୍ମଣଜୀଉ କଣ୍ଢେଇ ମେଳଣ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳ ୫ଟାରୁ ମେଳଣ ଆରମ୍ଭ ହୋଇ ଅପରାହ୍ନ ୧୨ଟାରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ସାନରାୟପଡ଼ା ଗ୍ରାମର ରାଧାକୃଷ୍ଣ ବିମାନ ଥାନପତି ଭାବେ ଯୋଗ ଦେଇଥିଲେ। ବ୍ଲକର ବାଲିଗରି, ରାୟପଡ଼ା, କୋଟପୁର, ପାଳେଶ୍ୱର ସମେତ ବିଭିନ୍ନ ଅଞ୍ଚଳରୁ ବିମାନ ଆସିଥିଲେ। ମେଳଣରେ ସ୍ଥାନୀୟ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁ ଯୋଗଦେଇ ରଧାକୃଷ୍ଣଙ୍କୁ ଦର୍ଶନ କରିଥିଲେ। ମେଳଣ କମିଟି ସଭାପତି ଗୌରାଙ୍ଗ ଚରଣ ରାୟ, ସମ୍ପାଦକ ଅଜିତ କୁମାର ରାଉତ, କୋଷାଧକ୍ଷ ଲଳିତ ମୋହନ ରାଉତ, ଉପଦେଷ୍ଟା ଅନିଲ କୁମାର ମହାରଣା, ଚୈତନ୍ୟ ରାଉତ, ଗୋପୀନାଥ ରାୟ, ଅନିଲ ରାୟ, ରାଜେନ୍ଦ୍ର ସ୍ୱାଇଁ, ସୁରେଶ ଦାସ, ନାରାୟଣ ମହାରଣା ଓ ବାସୁଦେବ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳଣ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିଲା। କମିଟି ପକ୍ଷରୁ ଠାକୁରଙ୍କୁ ଭୋଗ ଲଗା ଯିବା ପରେ ବିଦାଗୀ ଦିଆଯାଇଥିଲା।

### କଳାପଥର ଖନନ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୨୩।୫(ଡି.ଏନ.ଏ.):

ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର କଳାପଥର ଖାଦାନରେ ବେଆଇନ ଭାବେ ଖନନ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ତୋଟାକଣ ଗ୍ରାମର ମିହିର ଭଦ୍ର(୩୫)। ରାହାଡ଼ପୁର କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାର ଜେନାପୁର ଥାନାକୁ ଜଣାଇଥିଲେ। ଜେନାପୁର ପୋଲିସ ନଂ.୧୪୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଭଦ୍ରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# କଟାଗୋଡ଼ ପରେ ମିଳିଲା ଅବଶିଷ୍ଟ ଅଂଶ

କାଳିଆପାଣି,୨୩।୫(ଡି.ଏନ.ଏ.):

ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ କଟା ଗୋଡ଼ ମିଳିବା ପରେ ଶରୀର ଅବଶିଷ୍ଟ ଅଂଶ ମିଳିଛି। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ଗତ ୨୧ ତାରିଖ ଭୋର୍ ସମୟରେ ଉକ୍ତ ଜଙ୍ଗଲ ମଧ୍ୟରୁ ମଣିଷର କଟା ଗୋଡ଼ ମିଳିଥିଲା। ଏହାକୁ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଗୋଡ଼ଟିକୁ ପୋତା ଯାଇ ସଂସ୍କାର କରାଯାଇଥିଲା। ତେବେ ଗୋଡ଼ଟିକୁ କୌଣସି ଶବରୁ କୁକୁର କିମ୍ବା ବିଲୁଆ ଟାଣି ଆଣିଥିବା ପୋଲିସ ସନ୍ଦେହ କରିଥିଲା। କିନ୍ତୁ ରବିବାର ସନ୍ଧ୍ୟାରେ ମଙ୍ଗଳପୁର ଗ୍ରାମର କେତେଜଣ ଯୁବକ କଟା ଗୋଡ଼ ମିଳିଥିବା ସ୍ଥାନ ଦେଇ ଯାଉଥିବାବେଳେ ଜଙ୍ଗଲ ପାର୍ଶ୍ୱଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ନାଳୁଆରୁ ପଚାଗନ୍ଧ ବାହାରୁଥିବା ଜାଣିଥିଲେ। ନାଳୁଆ ଭିତରକୁ ଦେଖିବା ବେଳେ ସେଠାରେ ଏକ ବ୍ୟାଗ୍ ଏବଂ ଏଟିଏମ କାର୍ଡ ପଡ଼ିଥିଲା। ଉତ୍କଣ୍ଠା ବଢ଼ିବାରୁ ଆହୁରି ଭିତରକୁ ଯାଇ ଶବ ପଡ଼ିଥିବା ଦେଖିଥିଲେ। ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ରାତିରେ ଜଗି ରହିଥିଲା। ସୋମବାର ସକାଳେ ଜେସିବି ସହାୟତାରେ ନାଳୁଆର ଉପର ଢାଙ୍କୁଣି ଖୋଲି ମୃତଦେହ ଜବତ କରିଥିଲା। ଏହାପରେ ସେଠାରେ ଅପରାଧ ଅନୁସନ୍ଧାନକାରୀଦଳ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ସେଠାରୁ ମିଳିଥିବା ବ୍ୟାଗ୍ ଏବଂ ଏଟିଏମ୍‌କୁ ଅଧିକ ତଥ୍ୟ ହାସଲ ପାଇଁ ଫୋରେନସିକ ଲାବକୁ ପଠାଯାଇଛି।

ଉଲ୍ଲେଖଯୋଗ୍ୟ, ୫୩ ନମ୍ବର ଜାତୀୟ ରାଜପଥର ସୁକିନ୍ଦାଠାରୁ ଭୁବନରାସ୍ତାରେ ଅନେକ ସମୟରେ ଡକାୟତି ଏବଂ ରାହାଜାନୀ ଘଟୁଛି। ତେବେ ସେଭଳି ଘଟଣା ଘଟାଇବା ପରେ କେହି ଦୁର୍ବୃତ୍ତ ମୃତଦେହକୁ ନାଳୁଆରେ ଲୁଚାଇ ଦେଇଥାଇପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଅଳ୍ପ କେଇ ମାସ ମଧ୍ୟରେ ଆଦର୍ଶ ବିଦ୍ୟାଳୟ ଏବଂ ମଙ୍ଗଳପୁରରେ ଅଜଣା ଶବ ମିଳିବାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାରେ ସୁକିନ୍ଦା ଥାନାରେ ନଂ.୧୦୨୨ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି।

# ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅବ୍ୟବସ୍ଥା

ବରୀ,୨୩।୫(ଡି.ଏନ.ଏ.):

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବରୀ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ପାଇଁ ଗତ ୨ତାରିଖରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇ ବିଭିନ୍ନ ବିଭାଗ ଓ ଜନ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏ ଦିଗରେ ପ୍ରଚାର ପ୍ରସାର କରାଯାଇ ନ ଥିଲା। ଏପରି କି ଜନପ୍ରତିନିଧିମାନେ ମଧ୍ୟ ନିଜ ଅଞ୍ଚଳ ଲୋକଙ୍କୁ ଅବଗତ କରାଇ ନ ଥିଲେ। ତେବେ ଜନଶୁଣାଣି ହେଉଥିବା ଖବରପାଇ ବହୁ ଅଭିଯୋଗକାରୀ ନିର୍ଦ୍ଧାରିତ ସମୟ ସକାଳ ୭ଟା ହୋଇଥିଲେ ମଧ୍ୟ ତା'ପୂର୍ବରୁ ପହଞ୍ଚିଥିଲେ। ମାତ୍ର ସେମାନେ ଦୀର୍ଘ ସମୟ ଅପେକ୍ଷା କରି ରହିଥିବା ବେଳେ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଆସି ନ ଥିଲେ। ଫଳରେ ବହୁ ଅଭିଯୋଗକାରୀ ଅଭିଯୋଗ କରି ନ ପାରି ଫେରିଯାଇଥିବା ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଶିବିରରେ ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ


ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ପାନୀୟଜଳ ବ୍ୟବସ୍ଥା ହୋଇ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଅଭିଯୋଗ ପଞ୍ଜୀକୃତ ନିମନ୍ତେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗକାରୀ ବିଡିଓଙ୍କୁ ସମ୍ପୃକ୍ତ କର୍ମଚାରୀଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଅବଗତ କରାଇବା ପରେ ସେମାନଙ୍କୁ କାର୍ଯ୍ୟରୁ ଅପସାରଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଉକ୍ତ ଜନଶୁଣାଣି ଶିବିରରେ ଯୋଗଦେଇଥିବା ବରିଷ୍ଠ ଅଧିକାରୀଙ୍କୁ ବସିବା ନିମନ୍ତେ ଖଣ୍ଡେ ଚେୟାର ଦିଆଯାଇଥିବାରୁ ସେମାନଙ୍କ କାର୍ଯ୍ୟରେ ବାଧା ଉପୁଜିଥିଲା। ଉକ୍ତ ଶିବିରରେ ମୋଟ୍ ୪୧୯ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୪୦୪ ବ୍ୟକ୍ତିଗତ ଓ ୧୫ ସାମୂହିକ ଅଭିଯୋଗ ରହିଥିଲା। ସେଥିରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୯ଜଣ, ରେଡ୍‌କ୍ରସ ପାଣ୍ଠିରୁ ୩୨ ଜଣଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ୧୩୯ ଜଣଙ୍କ ଅଭିଯୋଗର ତତ୍କାଳ ସମାଧାନ

■ ଅଭିଯୋଗ ନ କରି ଫେରିଗଲେ ବହୁ ଅଭିଯୋଗକାରୀ

■ ପ୍ରଚାର ପ୍ରସାର ନ ଥିବାରୁ ଜାଣି ପାରିଲେନି ଅନେକ

କରାଯାଇଥିବା ବ୍ଲକ୍ ପ୍ରଶାସନ ତରଫରୁ ସୂଚନା ମିଳିଛି। ଶିବିରରେ ଅତିରିକ୍ତ ଜିଲାପାଳ ମିହିର ମହାନ୍ତି, ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍, ବରୀ ବିଡିଓ ଶିବାନନ୍ଦ ସ୍ୱାଇଁ, ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡ଼ି, ମହିଳା ଶିଶୁ ବିକାଶ ଅଧିକାରୀ ପ୍ରାଣେଶ୍ୱରୀ ପାଣିଗ୍ରାହୀ, ଗ୍ରାମ ପଞ୍ଚାୟତ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଦୀପକ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ଦାସ, ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ କୁଳମଣି ମହାରଣାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଶିବିରରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ବିଡିଓ ସ୍ୱାଇଁଙ୍କ ପ୍ରତିକ୍ରିୟା ନେବାକୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଗ୍ରହଣ କରି ନ ଥିଲେ।

## ସଂକ୍ଷେପରେ

### ନୀଳକଣ୍ଠପୁର ଖାଦାନରୁ ବେଆଇନ ବାଲି ଚାଲାଣ ଅଭିଯୋଗ



ପଟ୍ଟାମୁଣ୍ଡାଇ,୨୩।୫(ସ୍ୱ.ପ୍ର.) ପଟ୍ଟାମୁଣ୍ଡାଇ ରାଜସ୍ୱ ବିଭାଗ ପକ୍ଷରୁ ନିଲାମ ଦିଆଯାଇ ନ ଥିବା ବାଲି ଖାଦାନଗୁଡ଼ିକରୁ ବେଆଇନ ବାଲି ଚାଲାଣ ବଢ଼ିବାରେ ଲାଗିଛି। ସରକାରୀ ନୀତିନିୟମକୁ ବେଖାତିର କରି ହାଇୱା, ଟ୍ରକ୍‌ରେ ମନଇଚ୍ଛା ବାଲି ଚାଲାଣ ହେଉଛି। ଅନ୍ୟପକ୍ଷରେ ନିଲାମ ଦିଆଯାଇଥିବା ବାଲିଘାଟରେ ମୂଲ୍ୟ ସମ୍ପର୍କିତ ଫଳକ ଲଗାଯାଇନାହିଁ କିମ୍ବା ବାଲି ଖାଦାନ ସୀମା ନିର୍ଦ୍ଧାରଣ ହୋଇନାହିଁ। ଏହାର ସୁଯୋଗ ନେଇ ବାଲି ମାଫିଆମାନେ ଆଇନ ଉଲ୍ଲଂଘନ କରି ନିଲାମ ହୋଇ ନ ଥିବା ବ୍ରାହ୍ମଣୀ ନଦୀ ପଠା ନୀଳକଣ୍ଠପୁର ଖାଦାନରୁ ଚୋରାରେ ଦିନରାତି ବାଲି ଉଠାଉଛନ୍ତି। ପୁନଶ୍ଚ ଅଧିକାଂଶ ଭାରିଯାନରେ ମାତ୍ରାଧିକ ବାଲି ବୋଝେଇ କରାଯାଉଛି। ପାଲ ମଧ ଘୋଡ଼ା ଯାଉନାହିଁ। ଫଳରେ ସାମାନ୍ୟ ପବନରେ ବାଲି ଉଡ଼ି ରାସ୍ତାରେ ପଡୁଛି। ଏହା ପରିବେଶକୁ ପ୍ରଦୂଷିତ କରୁଛି। ବେଆଇନ ଭାବେ ସ୍ପଷ୍ଟ ଦିବାଲୋକରେ ଟ୍ରକ୍, ହାଇୱା ଭଳି ଭାରିଯାନ ଚଳାଚଳ ଦୁର୍ଘଟଣା ବଢ଼ାଉଛି। ଦିନବେଳା ଉକ୍ତ ଗାଡ଼ି ଚଳାଚଳ ବନ୍ଦ କରିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି। ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଦୀର୍ଘବର୍ଷ ହେବ ନୀଳକଣ୍ଠପୁର ଖାଦାନକୁ ନିଲାମ ଦିଆଯାଉନାହିଁ। ବେଆଇନ ଭାବେ ବାଲି ଉଠାଣ ହେଉ ଥିବାରୁ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରେ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ। ବେଆଇନ ବାଲି ଖାଦାନଗୁଡ଼ିକୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯାଇ ବାଲି ଉଠାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବାଲି ଚାଲାଣରେ ବ୍ୟବହୃତ ଯାନବାହନଗୁଡ଼ିକର ଟ୍ରିପ୍ ପାସ୍ ଯାଞ୍ଚ ହେବ। ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ବାଲି ପରିବହନ ଉପରେ କଟକଣା ଜାରି କରାଯିବ ବୋଲି ସେ କହିଛନ୍ତି।

### କଳାପଥର ଖନନ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା,୨୩।୫(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ତୋଟାକଣ ଗ୍ରାମର ମିହିର ଭଦ୍ର(୩୫)। ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାର ଜେନାପୁର ଥାନାକୁ ଜଣାଇଥିଲେ। ଜେନାପୁର ପୋଲିସ ନଂ.୧୪୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଭଦ୍ରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଐତିହ୍ୟ ସଂରକ୍ଷଣ ପାଇଁ ମ୍ୟୁଜିୟମ ହେଉ



ଗରୁଡ଼ ମୂର୍ତ୍ତି

**କେନ୍ଦ୍ରାପଡ଼ା ଅଫିସ, ୨୩।୫**



ଉଦ୍ଧାର ନାରାୟଣ ମୂର୍ତ୍ତି।



ସାନବାରଙ୍ଗଠାରେ ପୂଜା ପାଉଥିବା ମୁଣ୍ଡକଟା ଗୋପୀନାଥ ମୂର୍ତ୍ତି ।



ହବେଳି ଗାଁରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ଚକାସନ।

- କେନ୍ଦ୍ରାପଡ଼ା ଜିଲାରେ ଅବହେଳିତ ଅବସ୍ଥାରେ ପ୍ରାଚୀନ ମୂର୍ତ୍ତି
- ଚନ୍ଦନପୋଖରୀରୁ ଅଷ୍ଟଧାତୁ ନାରାୟଣ ମୂର୍ତ୍ତି ଉଦ୍ଧାର
- ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା

କେନ୍ଦ୍ରାପଡ଼ା ଜିଲାର ଆରାଧ୍ୟ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଚାପଖେଳ ରୀତିନୀତି ଜାରି ରହିଛି। ଏହି ଅବସରରେ ଶାମଗୁଡ଼ିଆ ଗାଁର ଫକୀର ଚରଣ ବେହେରା ଏକ ଅଷ୍ଟଧାତୁ ନିର୍ମିତ ୧୦ ଇଞ୍ଚ ଉଚ୍ଚତା ବିଶିଷ୍ଟ ନାରାୟଣ ମୂର୍ତ୍ତିକୁ ଇଚ୍ଛାପୁରସ୍ଥ ଚନ୍ଦନ ପୋଖରୀରୁ ରବିବାର ଉଦ୍ଧାର କରିଛନ୍ତି। ଏହି ମୂର୍ତ୍ତିକୁ ଏବେ ଏକ ବଣିଆ ଦୋକାନରେ ରଖାଯାଇଛି। ଉକ୍ତ ମୂର୍ତ୍ତିର ୪ ହାତରେ ଶଙ୍ଖ, ପଦ୍ମ, ଗଦା ରହିଛି। ହେଲେ ଚକ୍ର ଆୟୁଧଟି ଭାଙ୍ଗି ଯାଇଥିବାରୁ ତାହାକୁ ନୂଆ କରି ତିଆରି କରାଯାଉଥିବା ଜଣାପଡ଼ିଛି। ଚକ୍ରର ନିର୍ମାଣ ଶେଷ ହେବା ପରେ ମୂର୍ତ୍ତିଟିକୁ ଫକୀର ଶ୍ରୀବଳଦେବଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର କରିବେ ବୋଲି କହିଛନ୍ତି। ଅତୀତରେ ମଧ ସାନବାରଙ୍ଗଠାରେ ପୂଜା ପାଉଥିବା ମୁଣ୍ଡକଟା ଗୋପୀନାଥ ମୂର୍ତ୍ତି ଗୋଟିଏ କୂଅରୁ ଉଦ୍ଧାର କରାଯାଇଥିଲା। ଲୋକଶ୍ରୁତି ଅନୁଯାୟୀ ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଶ୍ରୀବଳଦେବଜୀଉ ମନ୍ଦିରର ଗରୁଡ଼ ମୂର୍ତ୍ତି ଏବେ ମହାକାଳପଡ଼ା ବ୍ଲକ ବବକରପୁର ଗ୍ରାମ କାଳିଦାସ ମନ୍ଦିରରେ ରହିଛି। କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ନିକଟ ହବେଳି ଗାଁରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ଚକାସନ ଏବେବି ପ୍ରାଚୀନତାର ସ୍ୱାକ୍ଷର ବହନ କରୁଛି। ତେବେ ଏହାର ସଂରକ୍ଷଣ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦ୍ଧାର କରାଯାଉଥିବା ପ୍ରାଚୀନ ମୂର୍ତ୍ତିର ସଂରକ୍ଷଣ ପାଇଁ ଜିଲାରେ ଏକ ମ୍ୟୁଜିୟମର ଆବଶ୍ୟକତା ରହିଥିବା ବିଭିନ୍ନ ମହଲରୁ ଦାବି କରାଯାଉଛି।

ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ଗବେଷକ ଡ. ସର୍ବେଶ୍ୱର ସେଣ, ବୁଦ୍ଧିଜୀବୀ ପ୍ରଭାକର ସାମଲ, ତ୍ରିଲୋଚନ ଦାସ, ଦୋଳଗୋବିନ୍ଦ ଜେନା, ଅଶୋକ ସ୍ୱାଇଁ ପ୍ରମୁଖ କୁହନ୍ତି, କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଐତିହ୍ୟ ଚିହ୍ନ ରହିଛି। ଏହାର ପ୍ରଚାର ପ୍ରସାର ସହିତ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ଆବଶ୍ୟକ। ଇଚ୍ଛାପୁରର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ନିକଟ ଏକ ଯାତ୍ରୀ ନିବାସ ୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲେ ମଧ ଦିନେ ହେଲେ ବ୍ୟବହାର ଉପଯୋଗୀ ହୋଇନାହିଁ। ଏଠାରେ ମ୍ୟୁଜିୟମ ହେଲେ ଶ୍ରୀଜୀଉଙ୍କ ଦର୍ଶନ ସହ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିବ। ଜିଲାର ବିଭିନ୍ନ ସ୍ଥାନରେ ଥିବା ମତ୍ସେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛାନାଥ ସମାଧି ସହ ବୌଦ୍ଧ ଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତିଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ପ୍ରତି ଗାଁରେ ଏହି ଐତିହ୍ୟକୁ କେଉଁଠାରେ ଗ୍ରାମଦେବତୀ ଭାବେ ପୂଜା କରାଯାଉଛି ତ କେତେକ ଅବହେଳାର ଶିକାର ହେଉଛି। ଅଲେକ ନାହାକାଣୀ, ନାୟକ ବାବୁ ମନ୍ଦିର, ଚନ୍ଦ୍ରମଉଳି, ଦରିଆ ରାମଚଣ୍ଡୀ, ନିମ୍ବଦାରୁ ଠାକୁରାଣୀ, ଲଙ୍କେଶ୍ୱରୀ ଆଦି କେନ୍ଦ୍ରାପଡ଼ାର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଥାଏ। ସେହିପରି ଡେରାବିଶର ଆଳି ନଅର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଏହି ଜିଲାରୁ ଇଚ୍ଛାପୁରର ଶ୍ରୀବଳଦେବଜୀଉ, ସହରର ଗୋବିନ୍ଦଜୀଉ, ତମାଳଶାସନର ଦଧିବାମନଜୀଉ, ସନ୍ଥପୁରାର ଶିବ ମନ୍ଦିର, ଆଳିର ଲକ୍ଷୀବରାହଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା ବତିଘର ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନସ୍ଥଳୀ ବୋଲି ଅଧିକାଂଶ ଜିଲାବାସୀଙ୍କୁ ଅଜଣା ଅଛି। ପ୍ରଚାର ପ୍ରସାର ସହ ପର୍ଯ୍ୟଟନସ୍ଥଳୀକୁ ଭଲ ରାସ୍ତାଟିଏ ନାହିଁ। ରାଜନଗର ବ୍ଲକ ରିଘାଗଡର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧିବାମନଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଅଛି। ଏହା ବ୍ୟତୀତ ପୁରୁଣା ବସଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବୁଲି ପାଠାଗାର, ସୂର୍ଯ୍ୟଘଡ଼ି, ନୋଳ ସାହି ରାଜନଅର, ଜମ୍ବୁଦ୍ୱୀପ ନଅର ଆଦି ଏହି ଜିଲାରେ ଥିଲେ ମଧ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। ଐତିହ୍ୟ ସାମଗ୍ରୀ ଓ ଚିହ୍ନକୁ ସଂରକ୍ଷଣ ପାଇଁ କୌଣସି ମ୍ୟୁଜିୟମ ପ୍ରତିଷ୍ଠା କରିବାକୁ ପ୍ରଶାସକ ଓ ରାଜନେତା ସମ୍ବେଦନଶୀଳ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ପର୍ଯ୍ୟଟନସ୍ଥଳୀଗୁଡିକର ଉନ୍ନତୀକରଣ ହେଉଛି। ସ୍ୱଦେଶୀ ଦର୍ଶନରେ ଏହି ଜିଲାକୁ ସାମିଲ ପାଇଁ ପ୍ରୟାସ ହୋଇଛି। ଏହାବ୍ୟତୀତ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯାଉଥିବା ସେ ମତ ଦେଇଛନ୍ତି।

# ଗରଦପୁରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି



ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ପଦାଧିକାରୀମାନେ।

**ପାଟକୁରା ୨୩।୫ (ଡି.ଏନ.ଏ.)**

### ୧୩୨ଟି ଅଭିଯୋଗ

ରାଜ୍ୟ ସରକାର ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବାକୁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ତଦନୁଯାୟୀ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ ସହ ମିଳିତ ଭାବେ ଶିବିରରେ ଉପସ୍ଥିତ ରହି ୧୩୨ଟି ଅଭିଯୋଗର ଶୁଣାଣି କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଡି ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ବିଡିଓ ରଞ୍ଜିତ କୁମାର ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାଶ ରଞ୍ଜନ ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅନିତା ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ଶୁଣାଣିରେ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମହାଲିକ, ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିରଞ୍ଜନ କର, ପାଟକୁରା ଆଇଆଇସି ସରୋଜ କୁମାର ସାହୁ, ଜିଲାମଙ୍ଗଳ ଅଧିକାରିଣୀ ମମତା ପରିଡା, ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର, ପାନୀୟଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ, କୃଷି ଅଧିକାରିଣୀ ପ୍ରଣତୀ ମହାନ୍ତି, ସହକାରୀ କୃଷି ଅଧିକାରୀ ଅମରେନ୍ଦ୍ର ସିଂ, ଜିଲା ଶିକ୍ଷାଅଧିକାରୀ ସଦୀପ କୁମାର ସିଂ, ପାଟକୁରା ଜଳସମ୍ପଦ ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ରାହାଳ ଗାଁର ଚୈତନ୍ୟ ବିଶ୍ୱାଳଙ୍କ ଘର ପୋଡ଼ି ଯିବା ପରେ ତାଙ୍କୁ ମଞ୍ଜୁର ହୋଇଥିବା ସହାୟତା ରାଶି ମିଳି ନ ଥିବା ସେ ଅଭିଯୋଗ କରିଥିଲେ। ପାଟକୁରା ଗନ୍ଦର୍ପ ସାହୁ ଜମିଜମା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ବାମରା ଅନିତା ବାରିକଙ୍କୁ ପଡ଼ୋଶୀ ମାରଧର କରିବା ସତ୍ତ୍ୱେ ତାଙ୍କୁ ନ୍ୟାୟ ମିଳୁ ନ ଥିବାରୁ ଅଭିଯୋଗ କରିଥିଲେ। ପାଟକୁରା ବଜାରରୁ ଜଳ ନିଷ୍କାସନ ପାଇଁ ସମିତି ସଭ୍ୟ ରାକେଶ ମହାପାତ୍ର ଓ ସରପଞ୍ଚ ଗୀତାଞ୍ଜଳି ମହାନ୍ତି ଅଭିଯୋଗ କରିଥିଲେ। ସେହିପରି ଅନ୍ଧବଟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ବେଳେ ଯାତ୍ରୀ ନିବାସ ଓ ଆନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବାରୁ ସରପଞ୍ଚ ପ୍ରଭାତ ନଳିନୀ ଜେନା ଦୃଷ୍ଟି ଆକର୍ଷଣ କରିଥିଲେ। ଗରଦପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସଫେଇ କର୍ମଚାରୀ ନିଯୁକ୍ତି କରିବାକୁ ନବାବ ପଣ୍ଡା ଦାବି କରିଥିଲେ। ଦିଲୀପ ପରିଡ଼ା କିଡନୀ ଚିକିତ୍ସା ପାଇଁ ସହାୟତା ମାଗିଥିବା ବେଳେ, ଗରଦପୁର ଲିଲିଲି ରଥଙ୍କ ସ୍ୱାମୀ କୋଭିଡରେ ମୃତ୍ୟୁବରଣ କରିଥିବା ସତ୍ତ୍ୱେ ତାଙ୍କୁ ଭତ୍ତା ମିଳି ନ ଥିବା ଅଭିଯୋଗ କରିଥିଲେ। କଳାବୁଦାର ରଞ୍ଜନ ଭୋଇ, ପରାମାନନ୍ଦ ଭୋଇ ଭୂମିହୀନ ହୋଇଥିବାରୁ ଜମି ମିଳିବା ପାଇଁ ଆବେଦନ କରିଥିଲେ। ବେଡ଼ାରୀ ଗାଁର ବିସ୍ମୟ ଖୁଣ୍ଟିଆ ବ୍ୟାଡ଼ମିଣ୍ଟନ କୋର୍ଟ ନିର୍ମାଣ କରିଥିଲେ ମଧ ବିଲ୍ ପାଇ ନ ଥିବାରୁ ଅଭିଯୋଗ କରିଥିଲେ। ପଳସୁଧାର ପ୍ରକାଶ ଜେନା କଙ୍କଡ଼ା-ମଧୁ ସେତୁ ନିର୍ମାଣ, ପଳସୁଧା-ମାହାଙ୍ଗା ରାସ୍ତାକୁ ଆରଡ଼ିକୁ ଦେବାକୁ, ପଳସୁଧା ଗାଁରୁ ଜଳ ନିଷ୍କାସନ ପାଇଁ ଓ ଓରଢ଼ି ପଡ଼ା ଗାଁକୁ ରାଜସ୍ୱ ଗ୍ରାମରେ ମାନ୍ୟତା ଦେବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଅଧିକାରୀ ଶଙ୍କର୍ଷଣ ପଣ୍ଡା, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଯୋଗାଣ ନିରୀକ୍ଷକ ସ୍ୱରୂପ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

## ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବୈଠକ

**ପଟ୍ଟାମୁଣ୍ଡାଇ,୨୩।୫(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ଅଧ୍ୟକ୍ଷତା କରିଥିଲେ। ହାଇସ୍କୁଲର ପ୍ରାକ୍ତନ ଛାତ୍ର ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପୌରାଧ୍ୟକ୍ଷ ସାହୁ ହାଇସ୍କୁଲର ସାମଗ୍ରୀକ ବିକାଶ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଛାତ୍ର ସଂସଦର ଆୟବ୍ୟୟ ସମୀକ୍ଷା କରାଯିବା ସହ ମୋ ସ୍କୁଲ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏମ୍‌ଏନ୍ ହାଇସ୍କୁଲ ପରିସରରେ ଏକ ଅଡିଟରିୟମ ନିର୍ମାଣ କରାଯିବାକୁ ପ୍ରସ୍ତାବ ଗ୍ରହଣ ପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକ ପ୍ରାରମ୍ଭରେ ପ୍ରାକ୍ତନ ଛାତ୍ର ଦିବଂଗତ ଅଶୋକ ସାହୁ ଓ ଅନ୍ୟ ଦିବଂଗତ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ସନାତନ ବେହୁରା, ପ୍ରଫେସର ରମେଶ ଚନ୍ଦ୍ର ଜେନା, ଉପସଭାପତି ସାମାଜିକ କର୍ମୀ ବିଶ୍ୱନାଥ ଧଳ ଓ ସଞ୍ଜୟ ବର୍ମା, ସମ୍ପାଦକ ଶିକ୍ଷାବିତ୍ କଣ୍ଟୁରି ଚରଣ ସ୍ୱାଇଁ, ସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସିଂ, ପ୍ରାକ୍ତନ ପ୍ରଶାସକ କେଳୁ ଚରଣ ସ୍ୱାଇଁ, ଆଇନଜୀବୀ ପ୍ରମୋଦ ସାହୁ, ତ୍ରିଲୋଚନ ଜେନା, ସଚ୍ଚିଦାନନ୍ଦ ଦାସ, ସୁଦାମ ଚରଣ ସାହୁ, ସତ୍ୟବାଦୀ ପ୍ରଧାନ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ପଲ୍ଲୀରେ ପ୍ରଶାସନ: କୁଶିଆପାଳରେ ୪୦୩ ଅଭିଯୋଗ

**ଡେରାବିଶ, ୨୩।୫(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ସାଧାରଣ ଲୋକ କେତେ ନିକଟତର ହୋଇଛନ୍ତି, ଏ ନେଇ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ସୋମବାର ଡେରାବିଶ ବ୍ଲକର କୁଶିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାନେତ୍ରୀ ଗୀତାଞ୍ଜଳି ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ଓ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାସ କୁମାର ସାହୁ ଉପସ୍ଥିତ ରହି ପ୍ରଶାସନିକ ଅଧିକାରୀମାନଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ପଞ୍ଚାୟତ ପରିସରରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୪୦୩ ଜଣ ବ୍ୟକ୍ତି ନାମ ପଞ୍ଜୀକରଣ କରିବା ସହ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ବଞ୍ଚିତ ହିତାଧିକାରୀ ରହିଥିଲେ। ସେହିପରି ପାନୀୟଜଳ ସମସ୍ୟା, ରାସ୍ତା ନିର୍ମାଣ, ବିଦ୍ୟୁତ୍, ମତ୍ସ୍ୟଚାଷ, ଉଦ୍ୟାନ କୃଷି, ଜୀବିକା ମିଶନ ଓ ମହିଳା ବିକାଶ ଯୋଜନା ଇତ୍ୟାଦିରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗମାନ ଦାଖଲ କରିଥିଲେ। ତହସିଲଦାର ନମିତା ବାରିକ, ଏବିଡିଓ ଭଞ୍ଜ କିଶୋର ନାୟକ, ବ୍ଲକ ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ବିଭାଗ ଅଧିକାରୀ ପ୍ରିୟସୀ ସାମଲ, ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତିର୍ମୟୀ ସାହୁ, ବ୍ଲକ କୃଷି ଅଧିକାରୀ ବନଲତା ବେହେରା, ବ୍ଲକ ଜୀବିକା ମିଶନ ସଂଯୋଜିକା ରତ୍ନମଞ୍ଜରୀ ବାରିକ ଓ ସରିତା ସାହୁଙ୍କ ସମେତ ସମସ୍ତ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରିଥିଲେ।



ପ୍ରଶାସନିକ ଅଧିକାରୀଙ୍କୁ ଲୋକେ ଅଭିଯୋଗ କରୁଛନ୍ତି।

# ସମସ୍ୟାବହୁଳ ହାଟସାହିର ବିଜ୍ଞାନ ମହାବିଦ୍ୟାଳୟ



**ରାଜକନିକା ୨୩।୫ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକସ୍ଥ ହାଟସାହି ବିଜ୍ଞାନ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ ଦେଇ ଗତି କରୁଛି। ଏହି ଅଞ୍ଚଳର ଖଟିଖିଆ ମେହନତି ଚାଷୀ ମୂଲିଆଙ୍କର ଆର୍ଥିକ ସାହାଯ୍ୟ ଓ ସହଯୋଗରେ ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା। ତେବେ କଲେଜକୁ ଚାଷୀ ମୂଲିଆମାନେ ନିଜର ଜମିଦାନ କରି ଏକ କୃଷି ମହାବିଦ୍ୟାଳୟ କରିବାକୁ ଉଦ୍ୟମ କରିଥିଲେ ହେଁ ସଫଳ ହେଲାନାହିଁ। କଲେଜ ନିର୍ମାଣରେ ବିଶେଷତଃ ମହିଳାମାନଙ୍କ ତ୍ୟାଗ, ଅବଦାନ ରହିଛି। ସେମାନେ ସ୍ୱତଃପ୍ରବୃତ୍ତ ଭାବେ ନିଜ ସୁନାଗହଣା ଓହ୍ଲାଇ ବନ୍ଧକ ଦେଇ ଉକ୍ତ କଲେଜ ନିର୍ମାଣ ଲାଗି ଅର୍ଥ ସାହାର୍ଯ୍ୟ କରିଥିଲେ। ଆଳିର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ଶରତ କୁମାର ଦେବଙ୍କ ଉଦ୍ୟମରେ ୧୯୮୧ ମାର୍ଚ୍ଚ ୧୩ରେ ରାଜ୍ୟର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ବିଜୁ ପଟ୍ଟନାୟକ କଣ୍ଠିଆହାଟରୁ ବିଲରେ ଚାଲି କି ଯାଇ ହାଟସାହିଠାରେ ମହାବିଦ୍ୟାଳୟକୁ ଶୁଭ ଦେଇଥିଲେ। ତେବେ ଆବଶ୍ୟକ ଅଧାପକ ଅଭାବରୁ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଓଡ଼ିଆ ବିଭାଗରେ ଅଧାପକ ନ ଥିବା ବେଳେ ରସାୟନ ବିଭାଗରେ ଅଧାପକ ନାହାନ୍ତି। ଏହି କଲେଜରେ ଛାତ୍ରୀଛାତ୍ରଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ନ ଥିବା ବେଳେ ଖେଳ କସରତ ପାଇଁ ପଡିଆ ନାହିଁ। ସେହିପରି ଆବଶ୍ୟକ ହାଇ ଟେକ୍ନୋଲୋଜି ଯନ୍ତ୍ରପାତି ନ ଥିବାରୁ ଲାବରେଟୋରି ଉନ୍ନତି ହୋଇ ପାରୁନାହିଁ। କଣ୍ଠିଆହାଟରୁ କଲେଜକୁ ଯିବାପାଇଁ ରାସ୍ତାଟିଏ ନାହିଁ। ତେବେ ଚରପଡା ଦେଇ ଅବଦୁଲପୁରରୁ କଲେଜକୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ବହୁ କଷ୍ଟରେ ପିଲାମାନେ କଲେଜକୁ ଆସୁଛନ୍ତି। ବର୍ଷାଦିନ ପୂର୍ବରୁ ରାସ୍ତା ନିର୍ମାଣ ପାଇଁ ପିଲାମାନେ ଦାବି କରିଛନ୍ତି। ସେହିପରି ହାଟସାହି ଶିବ ମନ୍ଦିରରୁ କଲେଜକୁ ମାଟି ରାସ୍ତା ନିର୍ମାଣ ହୋଇଛି। ଏହାକୁ ପକା ରାସ୍ତା କରିବା ପାଇଁ କଲେଜର ଛାତ୍ରୀଛାତ୍ରମାନେ ରାଜକନିକା ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଏହି ମହାବିଦ୍ୟାଳୟ ପଛରେ ହୋଇଥିବା କଲେଜଗୁଡିକର ବିକାଶ ହୋଇଥିବାବେଳେ ଏହା ବହୁ ପଛରେ ପଡି ଯାଇଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ଉପଜିଲାପାଳ କଲେଜର ସଭାପତି ଥିବାବେଳେ ଦିନେ ହେଲେ ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି। ତେଣୁ ରାଜ୍ୟ ସରକାର ଏହି କଲେଜ ପ୍ରତି ଦୃଷ୍ଟି ଦେବାକୁ ପଶ୍ଚିମକନିକା ଅଞ୍ଚଳବାସୀ ଦାବି କରିଛନ୍ତି।

# ଇନ୍ଦାଲୋ ପଞ୍ଚାୟତରେ ବସୁଧା ଯୋଜନା ବିଫଳ

**ଡେରାବିଶ,୨୩।୫(ସ୍ୱ.ପ୍ର.)**





- ଷ୍ଟାଣ୍ଡ ପୋଷ୍ଟରୁ ବାହାରୁ ନାହିଁ ପାଣି
- ଅଭିଯୋଗ କଲେ ଶୁଣୁ ନାହାନ୍ତି ଅଧିକାରୀ

ଡେରାବିଶ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଗରାଏ ପାଣି ପାଇଁ ସାଧାରଣ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛତାଠାରେ ଥିବା ରାଜ୍ୟର ପ୍ରଥମ ସୋଲାର ପମ୍ପ ଅଚଳ ହୋଇପଡ଼ିଥିବା ବେଳେ ପାଇପ୍ ବିଛାରେ ଅନିୟମିତତା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି। ଓଭରହେଡ୍ ଟାଙ୍କି ଥାଇ ମଧ ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଉକ୍ତ ବ୍ଲକ ଅଧୀନ ଇନ୍ଦାଲୋ ପଞ୍ଚାୟତରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି।

ସୂଚନା ଅନୁଯାୟୀ, ଇନ୍ଦାଲୋ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର କରିବାକୁ ତତ୍କାଳୀନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ କଲ୍ୟାଣ ପାଣ୍ଠିରୁ ଏକ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା। ମାତ୍ର ଟାଙ୍କି ହେବା ପରେ ପାନୀୟ ଜଳ ସମସ୍ୟା ଦୂର ନ ହେବାରୁ ଆଉ ଏକ ପମ୍ପ ହାଉସ୍ ନିର୍ମାଣ କରାଯାଇ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାମ୍ବିଲୋ, ଫାଣ୍ଡିବର ଛକଠାରୁ ଛକନା, ଦକ୍ଷିଣପାରି ଦେଇ ବାରଗୋଡ଼ିଆ ଯାଏ ୪୩ଟି ଷ୍ଟାଣ୍ଡପୋଷ୍ଟ ଦ୍ୱାରା ଦିନକୁ ୨ ଥର ପାଣି ଯୋଗାଇ ଦିଆଯାଉଥିଲା। ହେଲେ ଗତ ୩ ମାସ ହେବ ପମ୍ପହାଉସ୍‌ଠାରୁ ୧୦୦ ମିଟର ଦୂରରେ ଥିବା ଗ୍ରାମକୁ ପାନୀୟ ଜଳ ଆସୁନାହିଁ। କେଉଁ ଷ୍ଟାଣ୍ଡ ପୋଷ୍ଟରୁ ଅଳ୍ପ ପାଣି ବାହାରୁଛି ତ ଅନ୍ୟ କେତେକ ଷ୍ଟାଣ୍ଡପୋଷ୍ଟରୁ ଆଦୌ ପାଣି ବାହାରୁ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାନୀୟ ଜଳ ସମସ୍ୟାରେ ଉବୁଟୁବୁ ହେଉଥିବା ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ଜଣାଇଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଦକ୍ଷିଣପାରି ଗ୍ରାମର ଚୌଧୁରୀ ରବୀନ୍ଦ୍ର କୁମାର ଜେନା କହିଛନ୍ତି। ପୂର୍ବରୁ ଛକନାରେ ନିର୍ମିତ ଓଭରହେଡ୍ ଟାଙ୍କି ଏଯାଏ କାର୍ଯ୍ୟକ୍ଷମ ହୋଇ ନ ଥିବା ବେଳେ ଏହି ପଞ୍ଚାୟତରେ ନାନକାର ଓ ଅଢ଼ଙ୍ଗାରେ ଦୁଇଟି ସ୍ଥାନରେ ପମ୍ପ ହାଉସ୍ ନିମନ୍ତେ ବୋରିଂ କରାଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ନିମ୍ନମାନର ହେଉଥିବାରୁ ଓ ନିର୍ମାଣ ପରେ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହେବାର ଅଳ୍ପଦିନ ପରେ ଅଚଳ ହୋଇପଡୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ଘଟଣାର ଅନୁଧ୍ୟାନ ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୨୫ରେ ଧାରଣା ଦେବ କୋରେଇ ସଂଗ୍ରାମ ସମିତି

କୋରେଇ,୨୩।୫(ସ୍ୱ.ପ୍ର.): ବିଭିନ୍ନ ଦାବି ନେଇ ଆସନ୍ତା ୨୫ ତାରିଖରେ କୋରେଇ ସଂଗ୍ରାମ ସମିତି ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛି। ଧନେଶ୍ୱର ଛକ ନିକଟରେ ସମିତି ପକ୍ଷରୁ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈତରଣୀ ନଦୀର ବିଭିନ୍ନ ଘାଟରୁ ଦୈନନ୍ଦିନ ଟ୍ରକ୍ ଓ ଟ୍ରାକ୍ଟରରେ ବେଆଇନ ଭାବେ ଶହଶହ ଟ୍ରିପ୍ ବାଲି ପରିବହନ ହେଉଛି। ଫଳରେ ଜନସାଧାରଣ ଯାତାୟାତରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ, କଲେଜ୍ ଯିବାକୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ମଧ ଘଟୁଛି। ରାସ୍ତା ମଧ ଶୋଚନୀୟ ହୋଇପଡ଼ିଛି। ଆମ୍ବୁଲାନ୍ସ କି ଦମକଳ ଗାଡ଼ି ଯଥା ସମୟରେ ପହଞ୍ଚିବା ସମ୍ଭବ ହେଉନାହିଁ। ବାଲି ପରିବହନ ଯୋଗୁ ବିଶେଷକରି ମୁକୁନ୍ଦପୁର, ବନ୍ଦାଳୋ, ବରୁଣ୍ଡାଇ, ଗୌରପୁର, ରଣପୁର, ଅମୃତିଆ, କରଦା ପଞ୍ଚାୟତ ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ସର୍ବାଧିକ ବାଲି ପରିବହନ ହେଉଥିବା ମଥୁରାପୁର-ବରୁଣ୍ଡାଇ ରାସ୍ତା ସବୁଠାରୁ କ୍ଷତିଗ୍ରସ୍ତ ହୋଇଛି। ତେଣୁ ରାସ୍ତାକୁ ଚାରି ଥାକିଆରେ ପରିଣତ କରିବାର ଆବଶ୍ୟକତା ରହିଛି। ଏହାବ୍ୟତୀତ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଜସ୍ୱ ସ୍ଥାୟୀ ଗୃହ ନିମନ୍ତେ ବ୍ୟାସନଗର ତହସିଲଦାରଙ୍କ ନିକଟରେ ସଂଗ୍ରାମ ସମିତି ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ଏଥିନେଇ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଏସବୁ କାରଣକୁ ନେଇ ସଂଗ୍ରାମ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ହୋଇଛି। ଏନେଇ ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ତଥା ଖବରଦାତା ଅଭିମନ୍ୟୁ ମିଶ୍ର, ଉପସଭାପତି ଆଲୋକ ମହାନ୍ତି, ସୀତାକାନ୍ତ କୁଅଁର, ସମ୍ପାଦକ ପଦ୍ମନାଭ ନାୟକ, ପ୍ରଦ୍ୟୁମ୍ନ ବୋଇତେଇ, ବିଦ୍ୟାଧର ଜେନା ଓ ଭୁବନ ମୋହନ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ

ଧର୍ମଶାଳା,୨୩।୫(ଡି.ଏନ.ଏ.): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନବନିଯୁକ୍ତ ସଭାପତି ଶରତ ପଟ୍ଟନାୟକଙ୍କୁ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କ ଅନୁମୋଦନକ୍ରମେ ଶରତଙ୍କୁ ସୋମବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ଶରତ ପୂର୍ବରୁ ପିସିସି ସଭାପତି ଦାୟିତ୍ୱରେ ରହି ଦଳୀୟ କର୍ମୀଙ୍କ ଆସ୍ଥା ଭାଜନ ହୋଇପାରିଥିଲେ। ପଟ୍ଟନାୟକଙ୍କୁ ପୁଣି ଥରେ ପିସିସି ସଭାପତି ଦାୟିତ୍ୱ ମିଳିବା ପରେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସଭାପତି କିଷାନ ପଣ୍ଡା, କୃଷକ ନେତା ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ, ନରୋମ ନାୟକ, ଲକ୍ଷ୍ମଣ ଜେନା, ଦେବାଶିଷ ପରିଡ଼ା, କାର୍ତ୍ତିକ ସାହୁ, ଅମରେନ୍ଦ୍ର ଜେନା, ଦୀପକ କୁମାର ବଳ, ଅର୍ଚ୍ଚନା ସେଠୀ, କବିତା ମଲିକ ଓ ମିଲି ମଲିକ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇବା ସହ ସୋନିଆଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପରିମଳ ସେବା ନାହିଁ, ଚାଲିଛି ଅର୍ଥ ବ୍ୟୟ

ଯାଜପୁର ରୋଡ,୨୩।୫(ଡି.ଏନ.ଏ.)


ବ୍ୟାସନଗର ମ୍ୟୁନିସିପାଲିଟି ଅଞ୍ଚଳ ଡ୍ରେନ୍‌ରେ ଗଛଲତା ଭର୍ତ୍ତି ହୋଇଛି।

**ବ୍ୟାସନଗର ପୌରପରିଷଦ**
- ବହୁ ବର୍ଷ ହେଲା ସଫା ହେଉନି ଡ୍ରେନ୍
- ଜମା ହୋଇ ରହିଛି ଆବର୍ଜନା
- ଠିକା ସଂସ୍ଥାକୁ ମାସିକ ଦିଆଯାଉଛି ୨୫ ଲକ୍ଷ ଟଙ୍କା

ପୌର ନିର୍ବାଚନ ପରେ ମ୍ୟୁନିସିପାଲିଟିର ପରିଚାଳନା ଦାୟିତ୍ୱ ପ୍ରଶାସନ ହାତରୁ ନିଆଯାଇ ଏବେ ପରିଷଦ ଉପରେ ନ୍ୟସ୍ତ କରାଯାଇଛି। ସହରାଞ୍ଚଳରେ ମୌଳିକ ସେବା ପ୍ରଦାନର ଦାୟିତ୍ୱ ସ୍ୱାୟତ୍ତ ଶାସନ ବା ପୌରସଂସ୍ଥା ଉପରେ ରହିଛି। ହେଲେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌରପରିଷଦର ପରିମଳ ସେବାକୁ ସବ୍ୟସାଚୀ ମହାକୁଡ ନାମକ ଏକ ଠିକାସଂସ୍ଥା ହାତରେ ଟେକି ଦିଆଯାଇଛି। ଏହି ଘରୋଇକରଣ ଯୋଗୁ ପୌର କର୍ତ୍ତୃପକ୍ଷ ଅଡୁଆରେ ପଡିଛନ୍ତି। ସଫେଇ କାର୍ଯ୍ୟ ପାଇଁ ମାସିକ ୨୨ରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଲ ହେଉଛି। ହେଲେ ଡ୍ରେନେଜ ସଫା କରାଯାଉ ନାହିଁ। ଫଳରେ ଅନାବଶ୍ୟକ ଜଳ ନିଷ୍କାସନ ଠିକ୍ ଭାବେ ହେଉନାହିଁ। ରାସ୍ତାଘାଟ ସଫେଇକରଣରେ ବ୍ୟତିକ୍ରମ ଘଟିଛି। ସଂପୃକ୍ତ ଠିକାସଂସ୍ଥା ଏବଂ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ମଧ୍ୟରେ ରହିଥିବା ଭିତିରି ବୁଝାମଣା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସହରରେ ଚର୍ଚ୍ଚାର ବିଷୟ ହେଉଛି।

ରାଜ୍ୟର ସମସ୍ତ ପୌର ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କଠିନ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ତାଗିଦ କରିଛନ୍ତି। କୌଣସି ବର୍ଜ୍ୟବସ୍ତୁକୁ ଖୋଲା ସ୍ଥାନରେ ପକାଇବା ଏବଂ ଡ୍ରେନ ଭିତରେ ଗଦା ହୋଇ ଆବର୍ଜନା ରହିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାର ଖିଲାପ ଦୃଷ୍ଟିଗୋଚର ହେଲେ ଖିଲାପକାରୀଙ୍କଠାରୁ ପରିବେଶୀୟ କ୍ଷତିପୂରଣ ବାବଦରେ ଜରିମାନା ଆଦାୟର ବ୍ୟବସ୍ଥା ରହିଛି। କିନ୍ତୁ ବ୍ୟାସନଗର ପୌରପରିଷଦରେ ଏହି ସବୁ ଆଇନ ତଥା ନିର୍ଦ୍ଦେଶ ନିରର୍ଥକ ହୋଇଛି। ବ୍ୟାସ ସରୋବର କୁଷ୍ଠ କଲୋନୀ ରେଳଲାଇନ କଡରେ ପାହାଡ ଭଳି ଆବର୍ଜନା ଗଦା କରାଯାଉଛି। ଏହି ସହରର ପରିମଳ କାର୍ଯ୍ୟର ଘରୋଇକରଣ ହୋଇଛି। ଏଥିପାଇଁ ସବ୍ୟସାଚୀ ମହାକୁଡ ନାମକ ଏକ ଠିକାସଂସ୍ଥାକୁ ଗତ ପ୍ରାୟ ୨ ବର୍ଷ ହେଲା ଦାୟିତ୍ୱ ଦିଆଯାଇଛି। ଅଥଚ ସହରର ଅଧିକାଂଶ ୱାର୍ଡରେ ଡ୍ରେନେଜ ସଫେଇ କାମ ହେଉନାହିଁ। ଆଗକୁ ବର୍ଷା ଆସୁଥିବାରୁ ଏନେଇ ସହରବାସୀ ଚିନ୍ତାରେ ପଡିଛନ୍ତି। ବ୍ୟାସନଗର ପୌରପରିଷଦ ଅଞ୍ଚଳରେ ବିକାଶର ଗତି ଓଲଟା ଚାଲିଛି। ଆସୁଥିବା ଅନୁଦାନ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଲୋକଙ୍କ ଆଶା ଭରସାକୁ ନିଜ ସ୍ୱାର୍ଥରେ ଅଧିକ ନିୟୋଜିତ କରାଯାଉଛି। ଘରକୁ ଘର ଆବର୍ଜନା ସଂଗ୍ରହ, ରାସ୍ତାଘାଟ ଝାଡୁ କରାଯିବା, ନାଳ ସଫା ଆଦି ଚୁକ୍ତିରେ ସର୍ତ୍ତ ରଖାଯାଇଛି। ଏଥିପାଇଁ ଠିକାସଂସ୍ଥା ୧୬୦ ଜଣ ଶ୍ରମିକଙ୍କୁ ନିୟୋଜିତ କରିଛି। ସରକାରୀ ଦରରେ ସେମାନଙ୍କୁ ପାରିଶ୍ରମିକ ଦିଆଯାଉଥିବା କୁହାଯାଉଛି। ଏଥିପାଇଁ କୌଣସି ସୁପରଭାଇଜର ନିଯୁକ୍ତି କରାଯାଇ ନାହିଁ। ଆବର୍ଜନା ଉଠାଇବାକୁ ସମୁଦାୟ ୮ଟି ଗାଡି ନିୟୋଜିତ ହୋଇଛି। ଚଳିତ ମାସଠାରୁ ଆବର୍ଜନା ଉଠାଇବାକୁ ଅତିରିକ୍ତ ଭାବେ ୬୦ ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ଗତ ମାର୍ଚ୍ଚରେ ଶ୍ରମିକ ଏବଂ ଗାଡି ବାବଦରେ ୨୫ ଲକ୍ଷ ଟଙ୍କାର ବିଲ ହୋଇଛି। ହେଲେ ସହରର ଅଧିକାଂଶ ୱାର୍ଡର ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ସଂଖ୍ୟା ବଢ଼ି ଚାଲିଛି। ପ୍ରାୟ ୬ ମାସ ହେବ ଡ୍ରେନଗୁଡିକ ସଫା ହେଉନାହିଁ ବୋଲି ଅଭିଯୋଗ ହେଉଛି। ଡ୍ରେନରେ ବୁଦା ଓ ଘାସ ଭର୍ତ୍ତି ହୋଇ ରହିଛି। ପରିମଳ ବ୍ୟବସ୍ଥାରେ ଠିକାସଂସ୍ଥାକୁ ଦାୟିତ୍ୱ ଦେଇ ପୌର ନିର୍ବାହୀ ଅଧିକାରୀ ବସି ରହିଛନ୍ତି। ମାସିକ ମୋଟା ଅଙ୍କର ହାତଗୁଞ୍ଜା କାରବାର ହେଉଥିବାରୁ ସଂପୃକ୍ତ ଠିକାସଂସ୍ଥାର ମନମାନି ବଢି ଚାଲିଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ସମସ୍ତ ଡ୍ରେନଗୁଡିକ ସଫା କରିବାକୁ ଯୋଜନା ରହିଛି। ନିର୍ବାଚିତ କାଉନସିଲରମାନଙ୍କୁ ମଧ ଦାୟିତ୍ୱ ଦିଆଯାଇଛି। ଠିକାସଂସ୍ଥା ସହ ଭିତିରିଆ ବୁଝାମଣା ନାହିଁ। ପ୍ରତିଦିନ ବ୍ୟକ୍ତିଗତ ଭାବେ ସେ ପରିମଳ ବ୍ୟବସ୍ଥାର ପରିଚାଳନା କରୁଛନ୍ତି ବୋଲି ସୂଚନା ଦେଇଛନ୍ତି।

### ମୃତ ଶ୍ରମିକଙ୍କ ପରିବାରକୁ ଚାକିରି, ସହାୟତା

କାଳିଆପାଣି,୨୩।୫(ଡି.ଏନ.ଏ.):

ଓଏମ୍‌ସି ଦକ୍ଷିଣ କାଳିଆପାଣି ଖଣିରେ ଉତ୍ତୋଳନ ଦାୟିତ୍ୱରେ ଥିବା ଡେକୋ (ଧନେଶ୍ୱର ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍) କମ୍ପାନୀରେ କାର୍ଯ୍ୟ କରୁଥିବା ଚିତ୍ତରଞ୍ଜନ ବାରିକଙ୍କ ଶ୍ରମିକ ଦିବସରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଏହାପରେ କମ୍ପାନୀ ପକ୍ଷରୁ ତାଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚିତ୍ତରଞ୍ଜନଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ଚାକିରି ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହାକୁ ଗୁରୁତର ସହ ନେଇ କମ୍ପାନୀ ପକ୍ଷରୁ ମୃତ ଚିତ୍ତରଞ୍ଜନଙ୍କ ସାନ ଭାଇଙ୍କୁ ନିଯୁକ୍ତି ଓ ସମସ୍ତ କର୍ମଚାରୀଙ୍କ ଗୋଟିଏ ଦିନର ଅଧା ଦରମା ୧ ଲକ୍ଷ ୩୯ ହଜାର ୭୭୫ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହସମ୍ପାଦକ ଭରତ ମହାନ୍ତ ଓ ଉପସଭାପତି ପ୍ରଭାତ ପ୍ରଧାନଙ୍କ ଉପସ୍ଥିତିରେ କମ୍ପାନୀର ପ୍ରୋଜେକ୍ଟ ମୁଖ୍ୟ ସୁନୀଲ କୁମାର, ଫାଇନାନ୍ସ ମୁଖ୍ୟ ମନୋରଞ୍ଜନ ନାଥ ଓ ମାନବ ସମ୍ବଳ ମୁଖ୍ୟ ଚନ୍ଦନ ମହାପାତ୍ର ଚିତ୍ତରଞ୍ଜନଙ୍କ ବାପା ବୈକୁଣ୍ଠ ବାରିକଙ୍କୁ ଚେକ୍ ପ୍ରଦାନ କରିଥିଲେ।

# ପିଜୁଳି ଚାରା ଉପାଡି ଫିଙ୍ଗିବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ,୨୩।୫



ସୁକିନ୍ଦା ବିହନ ଉତ୍ପାଦନ କେନ୍ଦ୍ର।

- ଉଦ୍ୟାନକୃଷି ବିଭାଗର ଦାୟିତ୍ୱହୀନତା
- ପାଣିରେ ପଡିବ ଡିଏମ୍‌ଏଫ୍ ପାଣ୍ଠି ଅର୍ଥ
- ୨ ମାସରେ କାର୍ଯ୍ୟକାରୀ କରିବାକୁ ଏନ୍‌ଜିଟିର ରାୟ

ଯାଜପୁର ଜିଲା ସୁକିନ୍ଦା ତହସିଲ ଦାମୋଦରପୁର, ବତଲଣ୍ଡା ଓ କରଗୋଳା ମୌଜାରେ ୩୭୭.୮୩ ଏକର ପତରା ଓ ଶାଳ ଜଙ୍ଗଲ କିସମ ଜମିରୁ ମେସିନ ଲଗାଇ ଏକାଧିକ ଗଛ ବେଆଇନ ଭାବେ କଟା ଯାଇଛି। ଏଥିପାଇଁ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ଧାରା-୨କୁ ଉଲ୍ଲଂଘନ କରିବା ସହ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ବ୍ୟବହାର ପାଇଁ ଅନୁମତି ନିଆଯାଇନାହିଁ। ଏହି କ୍ରମରେ ଯାଜପୁର ସହକାରୀ ଉଦ୍ୟାନ ନିର୍ଦ୍ଦେଶକ (ଏଡିଏଚ୍) ଏବଂ ଜିଲାପାଳ ଦାୟିତ୍ୱହୀନ କାର୍ଯ୍ୟ କରିଛନ୍ତି। ଏଭଳି ବେଆଇନ କାର୍ଯ୍ୟ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏଥିସହ ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫ୍‌ଓ) ଏବଂ ଯାଜପୁର ଜିଲାପାଳଙ୍କୁ ଜଙ୍ଗଲ ଜମିରେ ଲାଗିଥିବା ପିଜୁଳି ଚାରାଗୁଡିକୁ ଉପାଡି ଫିଙ୍ଗି ଦେବାକୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ସୋମବାର ନିର୍ଦ୍ଦେଶ ଜାରି କରିଛନ୍ତି।

ଉଦ୍ୟାନକୃଷିର ବିକାଶ ନାମରେ ରାଜ୍ୟ ସରକାରଙ୍କ ଖୋଦ୍ ଉଦ୍ୟାନ ବିଭାଗ କର୍ତ୍ତୃପକ୍ଷ ଜଙ୍ଗଲର ବିନାଶ କରିଥିବା ଅଭିଯୋଗରେ ତପନ କୁମାର ବରାଳ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କରପ୍ରସାଦ ପାଣିଙ୍କ ଜରିଆରେ ଏନ୍‌ଜିଟିରେ ଏକ ମାମଲା (ନଂ.୫୯/୨୦୨୧/ଇଜେଡ) ରୁଜୁ ହୋଇଥିଲା। ତେବେ ଜଷ୍ଟିସ ବି. ଅମିତ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତା ୧୮।୮।୨୦୨୧ରେ ଏହି ମାମଲାର ଶୁଣାଣି କରି ଏକ ତଦନ୍ତକାରୀ କମିଟି ଦ୍ୱାରା ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କମିଟିରେ ପରିବେଶ ଓ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଜଣେ ବୈଜ୍ଞାନିକ, ଯାଜପୁର ଜିଲାପାଳ ଏବଂ କଟକ ଡିଏଫ୍‌ଓ ରହିଥିଲେ। ଏନ୍‌ଜିଟିରେ ଏହି କମିଟି ୧୫।୧୧।୨୦୨୧ରେ ତଦନ୍ତ ରିପୋର୍ଟର ସତ୍ୟପାଠ ଦାଖଲ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟରେ ପିଜୁଳି ଚାରା ରୋପଣ ପାଇଁ ୫୫୦.୬୩ ଏକର ଜମି ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ୨୦୭.୭୫ ଏକର ଜମି ହାଲ ରେକର୍ଡରେ ବୋତଲଣ୍ଡା ମୌଜା ଅଧୀନରେ ରହିଥିବାବେଳେ ବାକି ଶାଳ ଜଙ୍ଗଲ ଜମି। କିନ୍ତୁ ଜଙ୍ଗଲ ପରିବର୍ତ୍ତନ ପାଇଁ କିମ୍ବା ଗଛ କାଟିବାକୁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିଲା। ସୁକିନ୍ଦା ତହସିଲଦାରଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ପ୍ରକାର ୬ଟି ବୃହତ୍ ବୃକ୍ଷ ରହିଥିଲା। ଦାମୋଦରପୁର, ବୋତଲଣ୍ଡା ଏବଂ କରଗୋଳା ମୌଜାରେ କୌଣସି ଗଛ ରହି ନ ଥିଲା ଏବଂ ତାହା ପତିତ ଜମି। କଟକ ଡିଏଫ୍‌ଓଙ୍କ ରିପୋର୍ଟ ଅନୁସାରେ ମଧ ଗଛ କାଟିବାକୁ କୌଣସି ଅନୁମତି ନିଆଯାଇ ନ ଥିଲା। ଗତ ୬।୪।୨୦୨୧ରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍)ର ଟ୍ରଷ୍ଟବୋର୍ଡ ବୈଠକରେ ୧,୦୩,୪୦୦ ପିଜୁଳି ଗଛ ଲଗାଇବାକୁ ସୁକିନ୍ଦା ବିହନ ଫାର୍ମର ୨୦୦ ଏକର ଜମି ପରିସରରେ ଅନୁମତି ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଥିଲା। ଅନ୍ୟପକ୍ଷେ ସୁକିନ୍ଦା ବିହନ ଫାର୍ମରେ ଏକ ଜର୍ମ ପ୍ଲାଜମ ସେଣ୍ଟର ନିର୍ମାଣ କରିବାକୁ ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୯.୭୫ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଏଭଳିସ୍ଥିତିରେ ଏନ୍‌ଜିଟିର ନିର୍ଦ୍ଦେଶ କାର୍ଯ୍ୟକାରୀ କରାଗଲେ ଡିଏମ୍‌ଏଫ୍ ପାଣ୍ଠି ପାଣିରେ ପଡିବ ବୋଲି ମତପ୍ରକାଶ ପାଇଛି।

# ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ


ଅଳନ୍ଧୁ ଝୁଲୁଥିବା ପରିବେଶରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପରଷା ଯାଉଛି।

ଜେନାପୁର,୨୩।୫(ଡି.ଏନ୍.ଏ.):

ଧର୍ମଶାଳା ଶିକ୍ଷା ମଣ୍ଡଳ ଅନ୍ତର୍ଗତ କଣ୍ଟିଗଡ଼ିଆ ଗ୍ରାମସ୍ଥିତ ମଧୁକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲୁଥିବା ଅଭିଯୋଗ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ଏହି ବିଦ୍ୟାଳୟର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଠାରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ପରେ ବିଦ୍ୟାଳୟ ବାରଣ୍ଡାରେ ଧୂଳିମଳି ଓ ମୁଣ୍ଡ ଉପରେ ଅଳନ୍ଧୁ ଝୁଲୁଥିବା ପରିବେଶରେ ଛାତ୍ରୀଛାତ୍ରଙ୍କୁ ପରସା ଯାଉଛି। ତେବେ କୋମଳମତି ଛାତ୍ରୀଛାତ୍ର ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ ଖାଉଥିଲେ ବି ବିଦ୍ୟାଳୟ ପକ୍ଷରୁ ଏହା ସଫେଇ କରାଯାଉନାହିଁ। ଛାତ୍ରୀଛାତ୍ର ଖାଇବା ସମୟରେ ପବନରେ ଧୂଳିମଳି ଓ ଅଳନ୍ଧୁ ଉଡ଼ି ଖାଇବା ଥାଳିରେ ପଡୁଛି। ଏହି ପରିବେଶରେ ଖାଦ୍ୟ ଖାଇବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ତେବେ ଏଥିପ୍ରତି ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀ ଓ ଯାଜପୁର ଜିଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବଳଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟରେ ସୁଇପର ପୋଷ୍ଟ ଖାଲି ଥିବାରୁ ସଫେଇ ହୋଇ ପାରୁନାହିଁ। ଅନ୍ୟ କର୍ମଚାରୀଙ୍କୁ ସଫେଇ କରିବାକୁ କହିଲେ ସେମାନେ କର୍ଣ୍ଣପାତ କରୁନାହାନ୍ତି।

# ଅଧିକାରୀଙ୍କ ଉପରେ ବର୍ଷିଲେ ବିଧାୟିକା


ବୈଠକରେ ଯୋଗ ଦେଇଥିବା ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

**ଦଶରଥପୁର ପଞ୍ଚାୟତ ସମିତିର ପ୍ରଥମ ବୈଠକ**

ଦଶରଥପୁର/ଝୁମ୍ପୁରୀ, ୨୩।୫(ଡି.ଏନ.ଏ.):

ନବନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ଦଶରଥପୁର ପଞ୍ଚାୟତ ସମିତିର ପ୍ରଥମ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିଥିଭାବେ ଏମ୍‌ପି ଶର୍ମିଷ୍ଠା ସେଠୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଓ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ଶ୍ୱେତା ସ୍ନିଗ୍ଧା, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ ଓ ନିନାରାଣୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ କୃଷି, ଉଦ୍ୟାନ, ମତ୍ସ୍ୟ, ଖାଦ୍ୟଯୋଗାଣ, ଆବାସ, ପାନୀୟ ଜଳ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ବିଭିନ୍ନ ଅଧିକାରୀଙ୍କୁ ବିଭାଗୀୟ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କୁ ଅବଗତ ପାଇଁ ଆହ୍ୱାନ କରାଯାଇଥିଲା। ଆଲୋଚନା କାଳରେ ପାନୀୟ ଜଳ ଯୋଗାଣକୁ ନେଇ ବିଭାଗୀୟ ଅଧିକାରୀଙ୍କ ଉପରେ ବିଧାୟିକା ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ବିଭାଗର କାର୍ଯ୍ୟଶୈଳୀକୁ ନେଇ ତାଗିଦ୍ କରିଥିଲେ। ଆବାସ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କୁ ଦେବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ଏହି ବୈଠକରେ କେତେଜଣ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ପରିବର୍ତ୍ତେ ସେମାନଙ୍କ ସମ୍ପର୍କୀୟ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ପଞ୍ଚାୟତ ସମିତି ବୈଠକ ହେଉଥିଲେ ମଧ ବ୍ୟାନର ମାରିବାକୁ ବ୍ଲକ୍ ପ୍ରଶାସନ ଉଚିତ୍ ମନେ କରିନାହିଁ। ଏହାବାଦ୍ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟଙ୍କୁ ସେମାନଙ୍କ ପଞ୍ଚାୟତ ସମସ୍ୟା ଉପସ୍ଥାପନ କରିବାକୁ ସୁଯୋଗ ଦିଆ ନ ଯିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ସଭାଗୃହରେ ବସିବା ପାଇଁ ବ୍ୟବସ୍ଥା ନ ଥିବାରୁ ଗଣମାଧ୍ୟମ ପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିବା ସହିତ ଅଧିବେଶନକୁ ବର୍ଜନ କରିଥିଲେ। ପରେ ବିଜେଡି ଜିଲା ସଭାପତି ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଝାଶୁଝା କରି ସଭାଗୃହକୁ ନେଇଥିଲେ।

# ୭ ବର୍ଷପରେ ବି ଅଧାପନ୍ତରିଆ ମିନି ଷ୍ଟାଡିୟମ୍

ଚଣ୍ଡିଖୋଲ,୨୩।୫(ଡି.ଏନ.ଏ.):


ପାଚେରି ନିର୍ମାଣରେ ସୀମିତ ମିନି ଷ୍ଟାଡିୟମ୍।

- ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷ
- ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଦାବି

ଛାତ୍ରୀଛାତ୍ର ତଥା ଯୁବକଯୁବତୀ ଖେଳ ପାଇଁ ଆଗ୍ରହ ପ୍ରକାଶ କରିବା ନିମନ୍ତେ ପ୍ରତ୍ୟେକ ବ୍ଲକସ୍ତରରେ ମିନି ଷ୍ଟାଡିୟମ୍ ନିର୍ମାଣ କରାଯିବାର ଯୋଜନା କରାଯାଇଛି। ତେବେ ଏହି ଯୋଜନା କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ହେବାରୁ କୃତୀ ପ୍ରତିଯୋଗୀ ଖେଳରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡ଼ଚଣା ବ୍ଲକରେ। ଉକ୍ତ ବ୍ଲକ୍‌ରେ ଏକ ବ୍ଲକସ୍ତରୀୟ ମିନିଷ୍ଟାଡିୟମ ୨୦୧୫ରେ ୧୬ ନଂ. ଜାତୀୟ ରାଜପଥର ଛତିଆ ନିକଟସ୍ଥ ପାଇକରାପୁର ମୌଜାରେ ଆରମ୍ଭ କରାଯାଇଥିଲା। ଏହା ମଧ୍ୟରେ ୭ ବର୍ଷ ବିତିଯାଇଥିଲେ ବି ଷ୍ଟାଡିୟମ୍‌ଟି କେବଳ ପ୍ରାଚେରି ନିର୍ମାଣରେ ସୀମିତ ରହିଛି। ଅଦ୍ୟାବଧି ଷ୍ଟାଡିୟମ୍ ନିର୍ମାଣ ପାଇଁ ୨୯ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ନିର୍ମାଣ ଶେଷ ନ ହେଉଣୁ ଗତ ଜାନୁୟାରୀରେ ତରବରିଆ ଭାବେ ବଡ଼ଚଣା ବିଧାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏବେବି ସମ୍ପୂର୍ଣ୍ଣ ପାଚେରି ନିର୍ମାଣ ନ ହେବାରୁ ଷ୍ଟାଡିୟମ୍ ମଧ୍ୟରେ ଗୋରୁ ଚରୁଥିବା ଦେଖିବାକୁ ମିଳିଛି। ପଡ଼ିଆଟି ସମତଳ ହୋଇପାରିନାହିଁ। ଏହାମଧ୍ୟରେ ଖେଳାଳିଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥିବା ବେଳେ ଶୌଚାଳୟ ମଧ ନାହିଁ। ପଡ଼ିଆ ମଧ ଭାଗର କିଛି ସ୍ଥାନରେ ମାଟି ମୋରମ ଗଦା ହୋଇରହିଛି, ଯାହାକି ଖେଳାଳିଙ୍କ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ।

ସୂଚନା ଥାଉକି, ବଡ଼ଚଣାର ଛତିଆ ଅଞ୍ଚଳ ଖେଳ ପାଇଁ ବେଶ ପ୍ରସିଦ୍ଧି ଲାଭ କରିଛି। ଏଠାରେ ହ୍ୟାଣ୍ଡ୍‌ବଲ, ବାସ୍କେଟ୍‌ବଲ, ପୋଲଭୋଲ୍ଟ, ଟେନିକଏଟ ଓ ସାଇକେଲ ପୋଲ ଆଦି ଖେଳ ଖେଳି ଅନେକ ଖେଳାଳି ରାଜ୍ୟ ଓ ଜାତୀୟସ୍ତରରେ ବେଶ ସୁନାମ ଅର୍ଜନ କରିଛନ୍ତି। ଏପରି କି ଶତାଧିକ ଖେଳାଳି ଏଠାରୁ ପ୍ରଶିକ୍ଷଣ ଲାଭ କରି ପୋଲିସ ବିଭାଗ, ସୈନ୍ୟବାହିନୀ ଆଦିରେ ନିଯୁକ୍ତି ପାଇଛନ୍ତି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଖେଳ ଶିକ୍ଷକ ଭାବେ ନିଯୁକ୍ତି ପାଇ ବଡ଼ଚଣା ପାଇଁ ଗର୍ବ ଆଣିଛନ୍ତି। ଏତେ ପରେ ବି କ୍ରୀଡ଼ା ପାଇଁ ଭଲ ଭିତ୍ତିଭୂମି ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ସେଥିପାଇଁ ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ମିନି ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ଦୁଇଟି ଦଫାରେ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଧାୟକଙ୍କ ହାତପାଣ୍ଠିରୁ ୭ ଲକ୍ଷ ଟଙ୍କା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ତେଣୁ ଶଘ୍ର ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟ ଜିଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡୁଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ରିସିଭ୍ କରି ନ ଥିଲେ।

## ସଂକ୍ଷେପରେ

### ଜେଲ ଗଲେ ଶିକାରୀ

**ଭଣ୍ଡାର ମୁଣ୍ଡିଆରୁ କରୁଥିଲେ ଶିକାର**

**ନୟାଗଡ଼ ଅଫିସ,୨୩।୫:** କରଡା ରଘୁନାଥପୁର ବ୍ରାହ୍ମଣ ଶାସନର ତ୍ରିଲୋଚନ ପ୍ରଧାନ ଓରଫ ଟୁକୁନାଙ୍କୁ ଗିରଫ କରି ଶରଣକୁଳ ଥାନା ପୋଲିସ ରବିବାର କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତ୍ରିଲୋଚନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ୨୦୨୧ ନଭେମ୍ବର ୨୭ରେ ଭଣ୍ଡାର ପାହାଡ଼ରୁ ଦୁଇ ଜଣ ଶିକାରୀ ବାରହା ଶିକାର କରୁଥିଲେ । ଖବର ପାଇ ପୋଲିସ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିବା ସହ ଦେଶୀ ବନ୍ଧୁକ ଜବତ କରିଥିଲା । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୩୧/୨୧) ରୁଜୁ ହୋଇଥିଲା। ସେହି ସମୟରେ ମୁଖ୍ୟ ଶିକାରୀ ତ୍ରିଲୋଚନ ପୋଲିସକୁ ଚକମା ଦେଖାଇ ଖସି ଯାଇଥିଲେ।

### ଡକାୟତ ଢାବା ଗିରଫ

**ନୟାଗଡ଼ ଅଫିସ,୨୩।୫:** ନୟାଗଡ଼ ସଦର ଥାନା ପୋଲିସ କଇଥଗାଡିଆ ଗାଁର କୃଷ୍ଣ ବରାଡ ଓରଫ ଢାବା(୨୭)ଙ୍କୁ ଗିରଫ କରିଛି। ମଙ୍ଗଳବାର ଢାବାଙ୍କୁ କୋର୍ଟ ଚାଲାଣ କରାଯିବ । ଢାବା ମାମୁଙ୍କୁ ହତ୍ୟା କରି ୨୦୧୪ରେ ଜେଲରେ ଥିଲେ । ଖୁଣ୍ଟୁବନ୍ଧ ଜେଲରେ ଥିବାବେଳେ ଅପରାଧିଙ୍କ ସହ ମିଶି ଡକାୟତି କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ଜାମିନରେ ଯିବା ପରେ ଆଠମଲ୍ଲିକ ଅଞ୍ଚଳରେ ବୋମାମାଡ଼ କରି ଡକାୟତି କରିଥିଲେ। ଏନେଇ ଆଠମଲ୍ଲିକ ଥାନାରେ ଏକ ମାମଲା(ନଂ.୩୧୪/୧୪) ରୁଜୁ ହୋଇଥିଲା। ପରେ ୨୩।୯।୨୦ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ହଟାଇ ଫସିଲେ ଚାଷୀ

**ଜେଇ ସହଯୋଗ କରିଥିବା ଅଭିଯୋଗ**

**ନୟାଗଡ଼ ଅଫିସ,୨୩।୫:** ଓଠା ଜଳସେଚନ କର୍ପୋରେଶନ ଯୋଜନାରେ ଗଭୀର ନଳକୂପ ଖୋଳାଯାଇ ୩ ଚାଷୀଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା । ଗୋଟିଏ ଟ୍ରାନ୍ସଫର୍ମରରୁ ୩ଜଣ ଚାଷୀ ବିଦ୍ୟୁତ୍ ନେଇଥିଲେ । ହେଲେ ଜଣେ ଚାଷୀ ଚଞ୍ଚକତା କରି ଟ୍ରନ୍ସଫର୍ମରକୁ ମୂଳ ସ୍ଥାନରୁ ହଟାଇ ନିଜ ଜମିରେ ଲଗାଇବାକୁ ଉଦ୍ୟମ କରି ସଫଳ ହୋଇଥିଲେ । ତେବେ ଟିପି ସେଣ୍ଟରାଲ ଓଡିଶା ଡିଷ୍ଟ୍ରିବୁ୍ୟଶନ ଲିମିଟେଡର ଭିଜିଲାନ୍ସ ଟିମ୍ ଏହି ଅନିୟମିତତାକୁ ଧରି ତଦନ୍ତ କରୁଛି। ଏଥିରେ ଜଣେ କନିଷ୍ଠ ଯନ୍ତ୍ରୀ(ଜେଇ) ସମ୍ପୃକ୍ତି ଥିବା ସୂଚନା ମିଳିଛି । ଏନେଇ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର କୁହନ୍ତି, ୩ ଜଣ ଚାଷୀଙ୍କ ପାଇଁ ନିର୍ମାଣ ହୋଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଜଣେ ଚାଷୀ ନିଜ ପାଇଁ ସ୍ଥାନାନ୍ତରିତ କରିବା ବେନିୟମ । ଯାହାକି ଟିପି ସେଣ୍ଟରାଲ ଓଡିଶା ଡିଷ୍ଟ୍ରିବୁ୍ୟଶନ ଲିମିଟେଡର ଭିଜିଲାନ୍ସ ଟିମ୍ ଧରିଛି । ଏନେଇ ତଦନ୍ତ ଚାଲିଥିବାରୁ ଅଧିକ କହିବା ଠିକ୍ ହେବ ନାହିଁ ।

### ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ଦଶପଲ୍ଲା,୨୩।୫(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସଭାପତି ଅକ୍ଷୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିର୍ବାଚନ ପରିଚାଳନା ପାଇଁ ଆରତୀ ପଣ୍ଡା ଏବଂ ଲକ୍ଷ୍ମୀଧର ଦାଶଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା । ପରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ କର୍ମକର୍ତ୍ତାମାନଙ୍କୁ ମନୋନୀତ କରାଯାଇଥିଲା । ନୂତନ ସଭାପତି-ପ୍ରଶାନ୍ତ କୁମାର ମହାପାତ୍ର,ଉପସଭାପତି-ମିନତୀ ସାହୁ ଏବଂ ମଳୟ କୁମାର ବେହେରା,ସାଧାରଣ ସମ୍ପାଦକ-ଲକ୍ଷ୍ମୀଧର ସାହୁ,ସହସମ୍ପାଦକ-ମନୋରଞ୍ଜନ ବେହେରା, କୋଷାଧ୍ୟକ୍ଷ-ଭାବେ କାଳନ୍ଦୀ ସାହୁ ମନୋନୀତ ହୋଇଛନ୍ତି। ଅନ୍ୟାନ୍ୟ ବିଭାଗୀୟ ସମ୍ପାଦକ ଭାବେ ତ୍ରିନାଥ ବିଶ୍ୱାଳ,ଲିଙ୍ଗରାଜ ପାଣି,ଅଶୋକ କୁମାର ମଲ୍ଲିକ,ବିଘ୍ନେଶ୍ୱର ବେହେରାଙ୍କୁ ମନୋନୀତ କରାଯାଇଛି । ଜିଲା କମିଟିକୁ ୨ଜଣ ଏବଂ ଉପଦେଷ୍ଟା ମଣ୍ଡଳୀକୁ ମଧ୍ୟ ୭ଜଣଙ୍କୁ ମନୋନୀତ କରାଯାଇଥିଲା। ନିର୍ବାଚନ ପରେ ନୂତନ କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ । ଶେଷରେ ନବ ନିର୍ବାଚନ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଆଦିବାସୀ ଜବ୍ କାର୍ଡଧାରୀ ହତାଶ

**ନୟାଗଡ଼ ଅଫିସ,୨୩।୫**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ଘୁଗୁଡିପଡା ପଞ୍ଚାୟତରେ ସରକାରୀ ଅନୁଦାନ ଖର୍ଚ୍ଚ କରିବାରେ ସରକାରୀ କର୍ମଚାରୀ, ଅଧିକାରୀ ବାଧକ ସାଜୁଛନ୍ତି । ଏଣୁ ଉନ୍ନୟନ କାମ ପାଇଁ ଆସିଥିବା ଅନୁଦାନ ଖର୍ଚ୍ଚ ନ ହୋଇ ପଡି ରହୁଛି । ଅନ୍ୟପକ୍ଷେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ଜିଲା ପରିଷଦ ଫଣ୍ଡରେ ଯେଉଁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଛି ବାବଦ ମଜୁରୀ ଶ୍ରମିକ ଓ ଜବ୍‌କାର୍ଡଧାରୀଙ୍କୁ ମିଳୁନାହିଁ । ଫଳରେ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି । ପୁଣି ସରକାରଙ୍କଠାରୁ ପଟ୍ଟା ପାଇ ଜଙ୍ଗଲ ଜମିର ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଆଦିବାସୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉନାହିଁ । ଏହି ପରିପ୍ରେକ୍ଷୀରେ ଘୁଗୁଡିପଡା ପଞ୍ଚାୟତକୁ ଅବହେଳା ଓ ଉପେକ୍ଷା କରାଯାଉଥିବା ପ୍ରତିବାଦରେ ଆଦିବାସୀମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲାପାଳ, ମୁଖ୍ୟ ଶାସନ ସଚିବ,ଜାତୀୟ ମାନବାଧିକାର କମିଶନଙ୍କୁ ଅବଗତ କରାଇ ନ୍ୟାୟ ପାଇଁ ନିବେଦନ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଘୁଗୁଡିପଡା ପଞ୍ଚାୟତ ପରିଚିତ । ଏଠାରେ ୨୨ ରାଜସ୍ୱ ଗାଁ ରହିଛି । ସରକାର



ଆଦିବାସୀମାନେ ଗ୍ରାମ ସଭାରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରୁଛନ୍ତି ।

ଆଦବାସୀମାନଙ୍କ ଉନ୍ନତି ପାଇଁ ବହୁ ପଦକ୍ଷେପ ନେଉଛନ୍ତି । ହେଲେ ଘୁଗୁଡିପଡା ପଞ୍ଚାୟତରେ ସେହି ଯୋଜନା ବାଟବଣା ହୋଇଛି । ଏନେଇ ବିଭିନ୍ନ ସମୟରେ ଆପତ୍ତି, ଅଭିଯୋଗ ଉଠିଥିଲେ ମଧ୍ୟ ସୁଫଳ ମିଳୁନି । ୨୦୨୧-୨୨ ଆର୍ଥିକ ବର୍ଷରେ କୁଟୁରାବେଣିଠାରୁ କଦଳୀବାରି ରାସ୍ତା ପାଇଁ ୮ ଲକ୍ଷ ୨ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଏହି କାମ ୬୦ ପ୍ରତିଶତ ହୋଇ ସାରିଛି। ହେଲେ ଏହାର ବିଲ୍ କରାଯାଉନାହିଁ। ଏଣୁ ଜବ୍‌କାର୍ଡଧାରୀ ସେମାନଙ୍କ ପ୍ରାପ୍ୟ ପାଉ ନାହାନ୍ତି । ୧ ବର୍ଷ ହେଲା ମଜୁରୀ ପାଇବାକୁ ଜବ୍‌କାର୍ଡଧାରୀମାନେ ଅପେକ୍ଷା କରି ରହିଛନ୍ତି । ଅଧାପନ୍ତରିଆ କାମ ଯୋଗୁ ଆଦିବାସୀମାନଙ୍କ ରାସ୍ତା ସମସ୍ୟା ଦୂର ହୋଇ ପାରିନାହିଁ । ଗାଁ ରାସ୍ତା ନଷ୍ଟ ହୋଇ ଚାଲିଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ପଞ୍ଚାୟତର ମକରପ୍ରସାଦ ଓ ରାଇପଡ଼ା ଗାଁ ନିକଟ ଜଙ୍ଗଲ ଜମିର ଉନ୍ନତିକରଣ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଥିଲା । କାର୍ଯ୍ୟ ଶେଷ ହୋଇ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଷ୍ଟରରୋଲ ବାହାରିଥିଲେ ମଧ୍ୟ ମଜୁରୀ ବାବଦଙ୍କୁ ଟଙ୍କା ସେମାନଙ୍କୁ ଦିଆଯାଉନି । ଗୋହିରମଡା ଓ ଟଣକାସାହି କୋଠଘର ଜିଲା ପରିଷଦ ଫଣ୍ଡରେ ନିର୍ମାଣ ହୋଇଛି । କାମ ଶେଷ ହୋଇସାରିଛି । ହେଲେ ବିଲ୍ ମଞ୍ଜୁର କରାଯାଉ ନାହିଁ । ଜାନିସାହି ଠାରୁ ରାଇମଡା ପାଇଁ ଏମଜିଏନ୍‌ଆରଇଜିଏସ୍‌ରେ ୫ ଲକ୍ଷ ଟଙ୍କା ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଛି। ମାଟି ଓ ମୋରମ ପକାଇ ଦେଢ଼ ଲକ୍ଷ ଟଙ୍କା ବିଲ୍ କରାଯାଇଛି ହେଲେ ଅବଶିଷ୍ଟ କାମ କରାଯାଉ ନାହିଁ।

- କାମ କରିବା ପରେ ବି ମଜୁରୀ ମିଳୁନାହିଁ
- ସରକାରୀ ଅନୁଦାନ ଖର୍ଚ୍ଚରେ ବିଳମ୍ବ
- ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍

ଏନେଇ ଜବ୍‌କାର୍ଡଧାରୀ କାଚପଲ୍ଲୀର ରବି ନାରାୟଣ ସାହୁ ଓ ଲକ୍ଷ୍ମଣ ଜାନ, ଖଳିସାହରି କାର୍ତ୍ତିକ ବେହେରା କୁହନ୍ତି, ଘୁଗୁଡିପଡା ପଞ୍ଚାୟତରେ ଆଦିବାସୀମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ସେମାନଙ୍କ ବିକାଶ ପାଇଁ ସରକାରୀ କର୍ମଚାରୀ ଓ ଅଧିକାରୀ ବାଧକ ସାଜୁଛନ୍ତି। ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମ ଶୀଘ୍ର ଶେଷ ହେଉ ବୋଲି ସେମାନେ ଚାହୁଁ ନାହାନ୍ତି । ଏଣୁ ଅର୍ଥ ମଞ୍ଜୁର ସତ୍ତ୍ୱେ କାମ ହୋଇପାରୁନାହିଁ । ବ୍ଲକର ଜେଇ ବେଶି ହଇରାଣ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ଦଶପଲ୍ଲା ବ୍ଲକ କନିଷ୍ଠ ଯନ୍ତ୍ରୀ ଦାମୋଦର ସାହୁଙ୍କୁ ଘୁଗୁଡିପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ଭାବେ କାହିଁକି ପଡିଛି ବୋଲି ପଚାରିବାରୁ ସେ କୌଣସି ଉତ୍ତର ନ ରଖି ଏଡାଇ ଯାଇଥିଲେ । କନିଷ୍ଠ ଯନ୍ତ୍ରୀ ଆଦିବାସୀଙ୍କ ଅଭିଯୋଗ ସଂକ୍ରାନ୍ତରେ କାହିଁକି ମୁହଁ ଖୋଲୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ମହିଳାଙ୍କୁ ହତ୍ୟା ଅଭିଯୋଗ

**ସ୍ୱାମୀ ଥାନାରେ ଅଟକ**

**ଦଶପଲ୍ଲା,୨୩।୫ (ଡି.ଏନ.ଏ.)**

ସୋମବାର ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଶରଧାପୁର ଗ୍ରାମରେ ଜଣେ ମହିଳା ଗଳାରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଭାରତୀ ପ୍ରଧାନ । ପାରିବାରିକ କଳହକୁ କେନ୍ଦ୍ର କରି ସେ ଏପରି ପଦକ୍ଷେପ ନେଇଥିବା ଶାଶୁ ଘର ଲୋକେ କହିଛନ୍ତି । ହେଲେ ବାପ ଘରୁ ଟଙ୍କା ଆଣିବା ପାଇଁ ତାଙ୍କୁ ବାଧ୍ୟ କରାଯାଇ ନିର୍ଯାତନା ଦିଆଯାଉଥିଲା । ସେ ବାପା ଘରୁ ଟଙ୍କା ଆଣିବାକୁ ବିଫଳ ହେବା ପରେ ଶାଶୁଘର ଲୋକେ ତାଙ୍କୁ ମାରିପିଟ୍ କରି ହତ୍ୟା କରିଥିବା ଭାରତୀଙ୍କ ମା'ସୁଷମା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତ୍ତି କରି ଭାରତୀଙ୍କ ସ୍ୱାମୀ ରାକେଶ ପ୍ରଧାନଙ୍କୁ ପୋଲିସ ଥାନାରେ ଅଟକ ରଖିଛି । ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦୨/୨୨) ରୁଜୁ ହୋଇଛି।

### ସାପ କାମୁଡ଼ାରେ ନାବାଳକ ମୃତ

**ଗଣିଆ,୨୩।୫ (ଡି.ଏନ.ଏ.)**

ଗଣିଆ ଥାନା ଆଡକଟା ପଞ୍ଚାୟତର ସମ୍ପଡା ଗ୍ରାମରେ ସାପ କାମୁଡାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି । ମୃତ ନାବାଳକ ଜଣଙ୍କ ହେଲେ ଭରଦ୍ୱାଜ ଦଳବେହେରା(୧୬) । ରବିବାର ରାତିରେ ଘରେ ଶୋଇଥିବା ସମୟରେ ଭରଦ୍ୱାଜଙ୍କୁ ଏକ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ଗଣିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ।

### ଟ୍ରାନ୍ସଫର୍ମର ପୋଡ଼ିଲା, ଟେଲିଫୋନ ଏକ୍ସଚେଞ୍ଜ ଅଚଳ

**ଖଣ୍ଡପଡ଼ା,୨୩।୫(ସ୍ୱ.ପ୍ର.)**

ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡିଯିବା ଯୋଗୁ ଗତ ୭ଦିନ ଧରି ଖଣ୍ଡପଡ଼ା ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟ ଅଚଳ ହୋଇପଡିଛି । ଫଳରେ ସ୍ଥାନୀୟ ଅଞ୍ଚଳର ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୧୭ ତାରିଖରେ ଟ୍ରାନ୍ସଫର୍ମରଟି ପୋଡ଼ି ଯାଇଥିବା ନେଇ ଉକ୍ତ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କଠାରୁ ସୂଚନା ମିଳିଛି। ବିଏସ୍‌ଏନ୍‌ଏଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଟେଲିଫୋନ ଏକ୍ସଚେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ସ୍ୱଳ୍ପ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମରଟିକୁ ପରିବର୍ତ୍ତନ କରାଯାଇ ଏକ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି ।

## ୨୧ ଘେରା ଚାପ, ୭୨ଘେରା ଭଉଁରି ଖେଳିଲେ ନୀଳମାଧବ



ଚାପ ଖେଳରେ ଶ୍ରୀଜୀଉ ।

**୨୧ଦିନ ପରେ ଭଉଁରି ଯାତ୍ରା ଶେଷ**

**ଖଣ୍ଡପଡ଼ା,୨୩।୫(ସ୍ୱ.ପ୍ର.)**

୨୧ଦିନ ଧରି ଚାଲିଥିବା କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନଯାତ୍ରା ସୋମବାର ପାରମ୍ପରିକ ରୀତିରେ ଶେଷ ହୋଇଛି । ଗତ ୩ ତାରିଖ ପବିତ୍ର ଅକ୍ଷୟ ତୃତୀୟାରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଏହି ଅବସରରେ ପ୍ରତ୍ୟେହ ଶ୍ରୀନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ, ମା'ଲକ୍ଷ୍ମୀ, ସରସ୍ୱତୀ ଓ ଶିବପାର୍ବତୀ ଗୋଧୂଳି ବେଳାରେ ୩ ସୁସଜ୍ଜିତ ବିମାନରେ ଆରୁଢ ହୋଇ ଚନ୍ଦନ ପୋଖରୀକୁ ଜଳ କ୍ରୀଡା ପାଇଁ ବିଜେ ହେଉଥିଲେ । ପରମ୍ପରା ଅନୁଯାୟୀ, ଅକ୍ଷୟ ତୃତୀୟାର ୧୦ ଦିନ ପରେ ଶ୍ରୀଜୀଉମାନେ ଚନ୍ଦନ ପୋଖରୀରେ ଅପରାହ୍ନ ଓ ରାତି ଚାପ ସମ୍ପନ୍ନ କରି ବାଟଭାଙ୍ଗି ଗ୍ରାମ ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏହାପରେ ଶ୍ରୀଜୀଉମାନେ ଦେବୋତ୍ତର ବିଭାଗ ପକ୍ଷରୁ ନିର୍ଦ୍ଧାରିତ ହୋଇଥିବା ସାହିକୁ ବିଜେ କରି ପ୍ରତି ଘରର ଦୁଆର ମୁହଁରେ ପୂଜାର୍ଚ୍ଚନା ହୋଇ ଚାଟେରୀ ଭୋଗ ଖାଇଥିଲେ । ଶେଷ ଦିବସରେ ଶ୍ରୀଜୀଉମାନେ ଚନ୍ଦନ ପୋଖରୀରେ ୧୮ ଘେରା ଚାପ କରିବା ସହ ୭୨ ଘେରା ଭଉଁରି ଖେଳିଥିଲେ । ଏହାପରେ ଶ୍ରୀଜୀଉମାନେ ସେବକ ସାହିରେ ଚାଟେରୀ ଭୋଗ ଖାଇ ବିଳମ୍ବିତ ରାତିରେ ୩ ଘେରା ଚାପ ଖେଳି ଥିଲେ । ଏହି ଚାପ ଖେଳ ସହ ଆୟୋଜିତ ଆତସବାଜି ଓ ଆଲୋକ ସଜ୍ଜା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା । ଏହି ଅବସରରେ ସନ୍ଧ୍ୟାରେ କଟକ ଦାରୁବ୍ରହ୍ମ ଭଜନ ପରିଷଦ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଶ୍ରୀଜୀଉମାନେ ବାହୁଡ଼ା ବିଜେ ହୋଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସହ ଗମ୍ଭାରାରେ ରହିବେ । ପୁଣି ଆସନ୍ତା ବର୍ଷ ନୀଳମାଧବଙ୍କ ଚଳନ୍ତିପ୍ରତିମା ମଦନମୋହନ ଗମ୍ଭାରାରୁ ବାହାରି ଗ୍ରାମକୁ ବିଜେ କରିବେ ।

## ଅଭିଯୋଗ ଶୁଣାଣି କଲେ ଜିଲାପାଳ

**ଗଣିଆ,୨୩।୫(ଡି.ଏନ.ଏ.)**

କୋଭିଡ୍ କଟକଣାର ୨ବର୍ଷ ପରେ ସୋମବାର ଗଣିଆ ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ୧୫୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ରାସ୍ତା , ମୋବାଇଲ ଟାୱାର, ପାନୀୟ ଜଳକୁ ନେଇ ୮ଟି ଗୋଷ୍ଠୀଭିତ୍ତିକ ଅଭିଯୋଗ ଓ ଭତ୍ତା, ରାଶନ କାର୍ଡ, ମୁଖ୍ୟମନ୍ତ୍ରୀ ରିଲିଫ୍ ସହାୟତା, ଶ୍ରମିକ ସହାୟତା ଓ କାଳିଆ ଯୋଜନା ପରି ୧୩୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୮ଜଣ ଅସହାୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୭୯ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା ବେଳେ ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଜିଲାପାଳ ଡ. ପୋମା ଟୁଡୁ ଉପସ୍ଥିତ ରହି ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ୯୮ ଅଭିଯୋଗର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଲଗ୍ନଜିତ ରାଉତରାୟ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ,ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି, ବିଡିଓ ସିରିଆଲ ଶୁଭ୍ର ପଟେଲ. ତହସିଲଦାର କିଶୋର କୁମାର ପଣ୍ଡା, ଅତିରିକ୍ତ ବିଡିଓ ରତନଲାଲ ଲୋହାର, ବ୍ଲକ ଅଧକ୍ଷ୍ୟା ଝୁନା ଜେନା,ଜିଲା ପରିଷଦ ସଭ୍ୟ ନରେଶ ବେହେର ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଜିଲାପାଳ ଜନ ଅଭିଯୋଗର ଶୁଣାଣୀ କରୁଛନ୍ତି ।

## ଭାପୁରରେ କାଳବୈଶାଖୀର ପ୍ରଭାବ: ଘର ଭାଙ୍ଗିଲା



କାଳବୈଶାଖୀ ପ୍ରଭାବରେ ଭାଙ୍ଗିପଡିଥିବା ଟାଇଲ ଛପର ।

**ଭାପୁର,୨୩।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ନିମାଣୀ ପଞ୍ଚାୟତ ନୂଆସାହି ଗ୍ରାମର ତୋଫାନ ରାଉତଙ୍କ(୫୨) ଘର କାଳବୈଶାଖୀରେ ରବିବାର ଭାଙ୍ଗି ଯାଇଛି । ସେ ଜଣେ ଗରିବ ବ୍ୟକ୍ତି। ତାଙ୍କର ୨ ଝିଅ ଓ ଗୋଟିଏ ପୁଅ । ଧାର କରଜ କରି ୨ ଝିଅଙ୍କୁ ବିବାହ କରିବା ପରେ ଏବେ ଆର୍ଥିକ ଅନଟନ ମଧ୍ୟରେ ଦିନ କାଟୁଛନ୍ତି ।

ରବିବାର ଝଡତୋଫାନରେ ତାଙ୍କର ଘରର ଛପର ଉଡି ଯାଇଛି । ସେଥିପାଇଁ ତାଙ୍କ ପରିବାର ଦୁଃଖକଷ୍ଟରେ ଦିନ କାଟୁଛନ୍ତି । ଏହି ଖବର ପାଇଁ ନିମାଣୀ ପଞ୍ଚାୟତର ସରପଞ୍ଚ ସୁଧାଂଶୁ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତୋଫାନଙ୍କ ସହିତ ଆଲୋଚନା କରିଛନ୍ତି। ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସରପଞ୍ଚ ସ୍ୱାଇଁ ଭାପୁର ତହସିଲଦାର ତୃପ୍ତି ମହାନ୍ତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

## ରାବଣ ବଧ ପରେ ଶ୍ରୀରାମଙ୍କ ରାଜାଭିଷେକ

**ଖଣ୍ଡପଡ଼ା,୨୩।୫ (ସ୍ୱ.ପ୍ର.)**

**କଣ୍ଟିଲୋ ରାମଲୀଳା ଉତ୍ସବ ଉଦ୍‌ଯାପିତ**

କଣ୍ଟିଲୋ କଂସାରୀସାହି ପାଟଣା ଗ୍ରାମର ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ । ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣି ପାରିଥିଲେ। ତେଣୁ ରାବଣଙ୍କ ଭାଇ ଗୃହଭେଦୀ ବୀଭିଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ । ରାମଲୀଳା ନାଟକର ଉଦ୍‌ଯାପନୀ ରାତିରେ ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା ଇନ୍ଦ୍ରଜିତଙ୍କ ମୃତ୍ୟୁ ସମ୍ପର୍କରେ ରାବଣଙ୍କଠାରୁ ଜାଣିବା ପରେ ଇନ୍ଦ୍ରଜିତ୍‌ଙ୍କ ପୁଅ ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳରେ ବଧ କରିବାକୁ ସଂକଳ୍ପ କରିଥିଲେ । ମହିରାବଣ ମାୟା ବଳରେ ନିଜକୁ ଅଦୃଶ୍ୟ କରାଇ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ହନୁମାନଙ୍କ ଅଷ୍ଟସେନାରେ ସାମିଲ ହୋଇଥିଲେ । ଏହାପରେ ଅଷ୍ଟସେନା ସମେତ ରାମ ଲକ୍ଷ୍ମଣଙ୍କୁ ନିଦ୍ରାରେ ମୋହିତ କରାଇ ଦୁଇଭାଇଙ୍କୁ ସେଠାରୁ ଚୋରାଇ ଆଣି ପାତାଳପୁରୀର ଏକ ପଥର ଗୁମ୍ଫାରେ ନରବଳି ଦେବା ପାଇଁ ରଖି ଥିଲେ । ତେବେ ସୀତାଙ୍କ ଅଶ୍ରୁରୁ ତାରା,ତାରିଣୀ ୨ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ। ଦେବୀଙ୍କ ପାଖରେ ରାମ,ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟତ ହେଉଥିବା ବେଳେ ମାୟାବୀ ମହିରାବଣଙ୍କୁ ଦୁଇଭାଇ ବଧ କରିଥିଲେ। ପରେ ରାବଣକୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ସୀତା ଓ ଲକ୍ଷ୍ମଣଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ। ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା । ପ୍ରଭୁ ଶ୍ରୀରାମ, ସୀତା, ଅନୁଜ ଲକ୍ଷ୍ମଣ, ଭରତ, ଶତୃଘ୍ନ, ହନୁମାନ, ବିଭୀଷଣ ସହିତ ଅଭିଷେକ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ । ଏହି ରାମଲୀଳା ନାଟକ ଉପଭୋଗ କରିବାକୁ ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ଦର୍ଶକ ଓ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ । ଉଦ୍‌ଯାପନୀ ରାତ୍ରର ମଞ୍ଚସ୍ଥ ନାଟକରେ ଶିଶୁ କଳାକାର ସୁରଜ, ଅମିତ ଓ ଅସିତ ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଅଭିନୟ କରିଥିବା ବେଳେ ହନୁମାନ, ବିଭୀଷଣ, ରାବଣ ଓ ଇନ୍ଦ୍ରଜିତ ଭୂମିକାରେ ଯଥାକ୍ରମେ ଶ୍ରୀକାନ୍ତ, ଟୁଲିଆ,ଅଭିମନ୍ୟୁ ଓ ସିପୁ ଅଭିନୟ କରିଥିଲେ । ନିରନ ମିଶ୍ର ଓ ରମାକାନ୍ତ ସାହୁ ମଞ୍ଚ ଓ ନାଟ୍ୟ ପରିଚାଳନା କରିଥିଲେ ।

କଣ୍ଟିଲୋରେ ଦୀର୍ଘ ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପର ବୁଡି ଯିବାକୁ ବସିଛି । କେବଳ ପରମ୍ପରାକୁ ବଞ୍ଚାଇବାକୁ ବାଧ ବାଧକତାରେ ରାମଲୀଳା ଚାଲିଛି। ନାନା ଅବ୍ୟବସ୍ଥା, ଅର୍ଥାଭାବ ଆଦି ଏହି ପରମ୍ପରାକୁ ବଞ୍ଚାଇ ରଖିବାରେ ବାଧକ ସାଜିଛି ବୋଲି ରଘୁନାଥ ନାଟ୍ୟ ସମିତିର ସଭାପତି ସୁରେନ୍ଦ୍ର ନାଥ ସାହୁ, କୋଷାଧ୍ୟକ୍ଷ ରାଜେଶ କୁମାର ସାହୁ ଓ ସମ୍ପାଦକ ଭିକାରୀ ଚରଣ ସାହୁ ପ୍ରକାଶ କରିଛନ୍ତି ।



ଶ୍ରୀରାମଙ୍କ ରାଜାଭିଷେକ ଉତ୍ସବ ।

## ସଂକ୍ଷେପରେ

### ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ୧୩୩ ଅଭିଯୋଗ

**ତିର୍ତ୍ତୋଲ,୨୩।୫(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପାଟୱାଲୀ ଉପସ୍ଥିତ ରହି ୧୩୩ ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଭିତରେ ୧୫ ରାଶନ କାର୍ଡ, ୧୯ ଗ୍ରାମ୍ୟ ବିବାଦ, ୫୪ ଆବାସ ଯୋଜନା, ୯ ଆର୍ଥିକ ସହାୟତା, ୧୨ଟି ଲେଖାଏ ବିବିଧ ଭତ୍ତା ଓ ଜମିବାଡ଼ି ବିବାଦ ସମେତ ୧୦ ଅନ୍ୟାନ୍ୟ ଅଭିଯୋଗର ଶୁଣାଣି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଖିଲେଶ୍ୱର ସିଂ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ପିଡି ରୁଦ୍ରନାରାୟଣ ଦାସ, ବ୍ଲକ ଅଧକ୍ଷ ମନୋଜ ବେହେରା, ବିଡିଓ ଅଟଳ ବିହାରୀ ସ୍ୱାଇଁଙ୍କ ସମେତ ଅନ୍ୟ ଲାଇନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଭିନ୍ନକ୍ଷମଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥାରେ ଅଭିଯୋଗ ଗ୍ରହଣ କରାଯାଇଥିଲା।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆଦିତ୍ରୀ

**ଆଠଗଡ଼,୨୩।୫(ସ୍ୱ.ପ୍ର): ୨ ବର୍ଷ ୮** ମାସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି କଟକ ଜିଲା ଆଠଗଡ ବ୍ଲକ ରାଧାଗୋବିନ୍ଦପୁରର ଅକ୍ଷୟ କୁମାର ପାଲ ଏବଂ ଦୀପ୍ତିମୟୀ ପତ୍ରୀଙ୍କ ଝିଅ ଆଦିତ୍ରୀ ପ୍ରିୟଦର୍ଶିନୀ। ସେ ଇଂଲିଶ୍‌ର ସମସ୍ତ ଅକ୍ଷର ସହ ସଂଶ୍ଳିଷ୍ଟ ଶବ୍ଦ, ମଣିଷ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ, ସପ୍ତାହ ୭ ଦିନର ନାମ, ବାରମାସର ନାମ, ବିଭିନ୍ନ ଗୃହପାଳିତ ପ୍ରାଣୀଙ୍କ ନାମ, ସଂସ୍କୃତ ଶ୍ଳୋକର ନିର୍ଭୁଲ ଉଚ୍ଚାରଣ, ଦୁଇଟି ବେଙ୍ଗଲୀ କବିତା ସହ ୬ଟି ପ୍ରାଣୀଙ୍କ ଅବିକଳ ସ୍ୱର ଉଚ୍ଚାରଣ କରିପାରୁଛନ୍ତି। ସେ ଏ ପର୍ଯ୍ୟନ୍ତ ସ୍କୁଲକୁ ଯାଇନାହାନ୍ତି। ମାତ୍ର ଏତେ କମ୍ ବୟସରୁ ଝିଅର ଏଭଳି ସ୍ମରଣ ଶକ୍ତି ଦେଖି ମା’ ବାପା ତା’ର ଭିଡିଓ ଉତ୍ତୋଳନ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଭାଗ ନେବା ପାଇଁ ଆବେଦନ କରିଥିଲେ। ଏଥିରେ ଭାଗ ନେଇଥିବା ସମସ୍ତ ଶିଶୁଙ୍କ ମଧ୍ୟରୁ ଆଦିତ୍ରୀଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର କର୍ମକର୍ତ୍ତାମାନେ ଚୟନ କରିଥିଲେ। ସୋମବାର କୋରିୟର ମାଧ୍ୟମରେ ମାନପତ୍ର ଏବଂ ପଦକ ଆସି ତାଙ୍କ ଘରେ ପହଞ୍ଚିଛି। ଝିଅର ଏଭଳି କୃତିତ୍ୱ ଦେଖି ମା’ ବାପା ଖୁସି ବ୍ୟକ୍ତ କରିଛନ୍ତି। ଏଥିସହ ସେ ତାଙ୍କ ଝିଅକୁ ଆଗାମୀ ଦିନରେ ଅନେକ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବେ ବୋଲି କହିଛନ୍ତି।

# ନିଶା କବଳରେ ନାବାଳକ

- ଜିଲା ଶିଶୁ ସୁରକ୍ଷା ୟୁନିଟ୍ କଲା ସ୍ୱୀକାର
- ଅଧିକାଂଶ ଯାଯାବର, ମିଳୁନି ସ୍ଥାୟୀ ଠିକଣା

**ଜଗତ୍‌ସିଂହପୁର ଅଫିସ, ୨୩।୫**



ଶିଶୁଙ୍କ ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଏହାସତ୍ତ୍ୱେ ଅନେକ ଶିଶୁ ତଥା ନାବାଳିକା ଓ ନାବାଳକ ଆଜି ଅସୁରକ୍ଷିତ। ସେମାନେ ମାଦକଦ୍ରବ୍ୟ, ଗୁଟ୍‌ଖା, ସିଗାରେଟ୍, ଏପରି କି ବ୍ରାଉନ ସୁଗାର ସେବନ କରୁଥିବା ଦେଖାଯାଉଛି। ଏହାଦ୍ୱାରା ସେମାନଙ୍କର କ୍ଷତି ହେବା ସହ ମା, ବାପାଙ୍କ ସବୁ ସ୍ୱପ୍ନ ଧୂଳିସାତ୍ ହେଉଛି । ସବୁଠୁ ଦୁଃଖଦ ଖବର ହେଲା ସେମାନଙ୍କ ମଧ୍ୟରୁ ଅନେକ ଅସମୟରେ ମଉଳି ପଡୁଛନ୍ତି। ଜଗତ୍‌ସିଂହପୁର ସଦର ମହକୁମାରେ ଏଭଳି ଦୃଶ୍ୟ ଚିନ୍ତାର କାରଣ ହୋଇଛି। ଜଗତ୍‌ସିଂହପୁର ସହର ସମେତ ଜିଲାର ଏକାଧିକ ବସ୍ତି ଓ ଅନ୍ୟ ସ୍ଥାନରେ ନାବାଳକମାନେ ମାଦକଦ୍ରବ୍ୟ ସେବନ କରି ବିପଦଗାମୀ ହେଉଛନ୍ତି। ବିଶେଷକରି ଯେଉଁ ପରିବାରରେ ମା, ବାପା ଅଶିକ୍ଷିତ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପିଲା ନିଶା ଆଡକୁ ମୁହାଁଉଛନ୍ତି। କେତେକ ପରିବାରରେ ଅଭିଭାବକମାନେ ନିଶାସକ୍ତ ଥିବାରୁ ସେମାନଙ୍କ ପିଲାମାନେ ସହଜରେ ବିପଦ ଆଡକୁ ଟାଣିହୋଇ ଯାଉଛନ୍ତି। ବର୍ଷର ବିଭିନ୍ନ ସମୟରେ ଜଗତ୍‌ସିଂହପୁର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଯାଯାବରମାନେ ଅସ୍ଥାୟୀ ଟେଣ୍ଟ କରି ରୁହନ୍ତି। ମହିଳା ଓ ପୁରୁଷମାନେ ଦିନବେଳା ସେମାନଙ୍କ ପିଲାଙ୍କୁ ଛାଡି କାମରେ ବାହାରି ଯାଆନ୍ତି। ଏହି ସମୟରେ ଛୋଟ ପିଲାମାନେ ଏଣେତେଣେ ବୁଲନ୍ତି। ସେତେବେଳେ ସେମାନେ ମାଦକଦ୍ରବ୍ୟ ସେବନ କରିବାକୁ ପଛାନ୍ତି ନାହିଁ, ଯାହାର ଏକାଧିକ ପ୍ରମାଣ ସର୍ବସାଧାରଣରେ ଦେଖିବାକୁ ମିଳୁଛି । ନିଶା ସେବନ କରି ପିଲାମାନେ ମାରଧର ହେବା ସହ କ୍ଷତାକ୍ତ ହେଉଛନ୍ତି। ଅନେକ ଅସାମାଜିକ ଲୋକ ମଧ୍ୟ ଏହି ପିଲାମାନଙ୍କୁ ଅସାଧୁ କାମରେ ଲଗାଉଛନ୍ତି। ନିର୍ଯାତନା ମଧ୍ୟ ଦେଉଛନ୍ତି। ଜଗତ୍‌ସିଂହପୁର ସହରର ଏକାଧିକ ସାହି, ବସ୍ତିରେ ଫୁଟପାଥିରେ ବାସ କରୁଥିବା ଅନେକ ପିଲା ନିଶା ସେବନ କରି ଅପରାଧ କରୁଥିବା ଖବର ଲୋକଲୋଚନକୁ ଆସୁଛି। ସେମାନେ ଶିକ୍ଷାଳାଭରୁ ବଞ୍ଚିତ ହେବା ସହ ଅସୁରକ୍ଷିତ ଭବିଷ୍ୟତ ଆଡକୁ ଗତି କରୁଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶିଶୁ ସୁରକ୍ଷା ସମିତି ଓ ଜିଲା ପ୍ରଶାସନ ପକ୍ଷରୁ ଏହା ଉପରେ ପଦକ୍ଷେପ ନିଆଯିବା ପାଇଁ ଦାବି ହେଉଛି। ଏହା ଉପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ କାହ୍ନୁ ଚରଣ ରାଉତଙ୍କୁ ପଚାରିବାରୁ ସେ କହିଥିଲେ, ବାସ୍ତବରେ ଏହା ସତ। ଅତୀତରେ କିଛି ସ୍ଥାନରେ ସେମାନେ କାଉନସେଲିଂ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଶତପ୍ରତିଶତ ସଫଳତା ମିଳିପାରିନାହିଁ। ଅଭିଭାବକମାନେ ସଚେତନ ନ ହେଲେ ପ୍ରତିକାର ସମ୍ଭବ ନୁହେଁ । ବିଶେଷକରି ଯାଯାବରମାନଙ୍କ ପିଲାମାନେ ନିଶାସକ୍ତ ହୋଇ ପଡୁଛନ୍ତି। ଯେହେତୁ ସେମାନଙ୍କ ସ୍ଥାୟୀ ଠିକଣା ନାହିଁ, ତେଣୁ ପୂରାମାତ୍ରାରେ ନଜର ରହୁନି। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ତଥାପି ପଦକ୍ଷେପ ନିଆଯିବ ବୋଲି ରାଉତ କହିଛନ୍ତି ।

### କଳାପଥର ଖନନ ଅଭିଯୋଗରେ ଜଣେ ଗିରଫ

**ଧର୍ମଶାଳା,୨୩।୫ (ଡି.ଏନ.ଏ.)**

ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ତୋଟାକଣ ଗ୍ରାମର ମିହିର ଭଦ୍ର(୩୫)। ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାର ଜେନାପୁର ଥାନାକୁ ଜଣାଇଥିଲେ। ଜେନାପୁର ପୋଲିସ ନଂ.୧୪୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଭଦ୍ରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ଜମି ବିବାଦକୁ ନେଇ ତେଜୁଛି ଅସନ୍ତୋଷ

**ରଘୁନାଥପୁର,୨୩।୫ (ଡି.ଏନ.ଏ.)**



ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ବଞ୍ଚାଅ ଅଭିଯାନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

- ପ୍ରତିବାଦ ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ଖେଳପଡିଆକୁ ଜବରଦଖଲ ମୁକ୍ତ କରାଯାଉ
- ସରକାରୀ ବିଧିବ୍ୟବସ୍ଥାରେ ଜମି ସ୍କୁଲକୁ ହସ୍ତାନ୍ତର କରିବି: ଡାକ୍ତର

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକର ବହୁ ପୁରାତନ ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଅବସ୍ଥାପିତ ଜମିକୁ ନେଇ ବିବାଦ ମୁଣ୍ଡ ଟେକିଛି। ପୁରାତନ ଛାତ୍ର ଓ ସ୍ଥାନୀୟ ବୁଦ୍ଧିଜୀବୀ ବିଦ୍ୟାଳୟ ସମ୍ମୁଖରେ ସୋମବାର ଏକ ପ୍ରତିବାଦ ସଭା କରି ବିବାଦୀୟ ଜମିକୁ ବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ କରିବାକୁ ଦାବି କରିଥିଲେ। ପରେ ଏଠାରୁ ଏକ ରାଲିରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଜିତେନ୍ଦ୍ର କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ୧୯୫୧ ମସିହାରେ ବଦାନ୍ୟ ବ୍ୟକ୍ତିଙ୍କ ଦାନସୂତ୍ରରେ ଏବଂ କିଣା ହୋଇଥିବା ଜମି ଉପରେ ଗଢି ଉଠିଥିଲା ପୂର୍ଣ୍ଣଚନ୍ଦ୍ର ବିଦ୍ୟା ମନ୍ଦିର। ତତ୍କାଳୀନ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ସେନ ଉକ୍ତ ଜମିର ତରଫ ଭାବେ ରହିଥିଲେ। ଯେଉଁ ଜମିର ଖାତା ନଂ. ୫୪୧ର ପ୍ଲଟ ନଂ. ୪୩୬, ୪୪୨, ୪୪୫ ଓ ୪୪୬ ଅଟେ। ପ୍ରଧାନ ଶିକ୍ଷକ ସେନଙ୍କ ଦେହାନ୍ତ ପରେ ଅଞ୍ଚଳବାସୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ଉକ୍ତ ଜମିର ତରଫରେ ପରିବର୍ତ୍ତନ ହୋଇ ନ ପାରି ଏହା ତାଙ୍କ ନାମରେ ରେକର୍ଡ ହୋଇଯାଇଥିଲା। ଯାହାକି ଗତ ୨୦୨୧ ଡିସେମ୍ବରରେ ସ୍ୱର୍ଗତ ସେନଙ୍କ ପୁତ୍ର ଡା. ଭାସ୍ୱତକାନ୍ତି ସେନଗୁପ୍ତା ଓ କନ୍ୟା ସୁଚରିତା ମିଶ୍ର ତହସିଲରେ ଉକ୍ତ ଜମିର କିସମ ଘରବାରି ପାଇଁ ଆବେଦନ କରିବା ପରେ ଜଣାପଡିଥିଲା ବୋଲି ବାଦଲ କୁମାର ତା, ଯୋଗାନନ୍ଦ ବୋଷ ଓ ବିକାଶ ମହାନ୍ତି ପ୍ରକାଶ କରିଛନ୍ତି। ଉକ୍ତ ଜମି ବିଦ୍ୟାଳୟ ନାମରେ ରେକର୍ଡ ନ ହେବା ପର୍ଯ୍ୟନ୍ତ ପୂର୍ଣ୍ଣଚନ୍ଦ୍ର ସରକାରୀ ବିଦ୍ୟାଳୟ ବଞ୍ଚାଅ ଅଭିଯାନ ସଂଗ୍ରାମ ଜାରି ରଖିବ ବୋଲି ଆଇନଜୀବୀ ବାସୁଦେବ ଓ ଗୁରୁ ନାରାୟଣ ମହାନ୍ତି ବକ୍ତବ୍ୟ ରଖିଥିଲେ।

ଏ ସମ୍ପର୍କରେ ଡା. ସେନଗୁପ୍ତାଙ୍କୁ ପଚାରିବାରେ ସ୍କୁଲ ପ୍ରାଚୀର ବାହାରେ ଆମର ୧୦୫ ଡିସିମିଲ ଜମି ଥିବାର ଜଣେ ବ୍ୟକ୍ତିଙ୍କଠାରୁ ଜାଣିବାକୁ ପାଇଥିଲି। ଉତ୍ତରାଧିକାରୀ ଭାବେ ଜମିର ସୁରକ୍ଷା ଦାୟିତ୍ୱ ଆମର। ଭୁଲକ୍ରମେ ସ୍କୁଲର ଜମିଟି ବାପାଙ୍କ ନାମରେ ରେକର୍ଡ ହୋଇଯାଇଛି। କେତେଜଣ ବ୍ୟକ୍ତି କହିବା ପରେ, ଜମିଟି ସରକାରୀ ବିଧି ବ୍ୟବସ୍ଥାରେ ମଧ୍ୟରେ ସ୍କୁଲ ନାମରେ କରାଇ ନିଅନ୍ତୁ ବୋଲି ସେ କହିଛନ୍ତି। ରବିବାର କେତେଜଣ ବ୍ୟକ୍ତି ଏ ସମ୍ପର୍କରେ ମୋ ସହ କଥା ହେବା ପରେ ମଧ୍ୟ ହଠାତ ପ୍ରତିବାଦ ସଭା କରି ମୋ ମାନସମ୍ମାନକୁ ଖୁର୍ଣ୍ଣ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ତେବେ ଜବରଦଖଲରେ ରଖିଥିବା ସ୍କୁଲ ଖେଳପଡ଼ିଆକୁ ପ୍ରଥମେ ଉନ୍ମୁକ୍ତ କରାଯାଉ ବୋଲି ଡା. ସେନଗୁପ୍ତା ବିଦ୍ୟାଳୟ ବଞ୍ଚାଅ ଅଭିଯାନ କମିଟିକୁ ଆହ୍ୱାନ କରିଛନ୍ତି। ସରକାରୀ ନିୟମାନୁଯାୟୀ ଉକ୍ତ ଜମି ସ୍କୁଲକୁ ଦିଆଗଲେ ତାଙ୍କର କୌଣସି ଆପତ୍ତି ଅଭିଯୋଗ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିରେ ଉଜଳ ତା, ହେମନ୍ତ ସାହୁ, ସରିତ ମହାପାତ୍ର, ବନ୍ଦନ ସାହୁ, ବାରିକ ନିରଞ୍ଜନ, ସତ୍ୟନାରାୟଣ ସେନାପତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ବିଜୁ ସ୍ୱାସ୍ଥ୍ୟ କାର୍ଡ କାମ ଦେଲାନି, ଜୀବନ ହାରିଲେ ଶତ୍ରୁଘ୍ନ

**ରାହାମା,୨୩।୫ (ଡି.ଏନ.ଏ.)**



ଶତ୍ରୁଘ୍ନ ଓଝା (ଫାଇଲ୍ ଫଟୋ)।

- କ୍ୟାନସରରେ ପୀଡ଼ିତ ଥିଲେ
- ପୂର୍ବରୁ ସ୍ତ୍ରୀ ଭଲ ହୋଇଥିଲେ ମଧ୍ୟ ଏବେ ଗୁରୁତର

ରାଜ୍ୟ ସରକାର ସମସ୍ତଙ୍କୁ ସୁବିଧାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ବଦ୍ଧ ବୋଲି ଘୋଷଣା କରିଥିଲେ। ଏହିକ୍ରମରେ ଗରିବ ଲୋକ ନିଜର ରୋଗରୁ ମୁକ୍ତି ପାଇ ମାଗଣାରେ ଚିକିତ୍ସା ସୁବିଧା ପାଇବେ ବୋଲି ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ପଙ୍କପାଳ ଗାଁର ଶତ୍ରୁଘ୍ନ ଓଝା କ୍ୟାନସରରେ ପୀଡିତ ହୋଇ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦେଖାଇଥିଲେ ମଧ୍ୟ କୌଣସି ସହୟତା ମିଳି ନ ଥିଲା ବୋଲି ଅଭିଯୋଗ ହୋଇଛି। ଶେଷରେ ସୋମବାର ଶତ୍ରୁଘ୍ନଙ୍କ ମୃତ୍ୟୁ ଘଟିଛି।

ସୂଚନା ମୁତାବକ, ପଙ୍କପାଳ ଗାଁର ଶତ୍ରୁଘ୍ନ ନିଜର ପରିବାର ପ୍ରତିପୋଷଣ କରିବାକୁ ବାହାର ରାଜ୍ୟରେ ଦାଦନ ଖଟୁଥିବା ବେଳେ ଘରେ ଦୁଇ ପିଲା ଓ ସ୍ତ୍ରୀ ରହୁନ୍ତି। ବର୍ଷେ ତଳେ ସ୍ତ୍ରୀ ତୃପ୍ତିମୟୀ ବ୍ରେଷ୍ଟ କ୍ୟାନସରରେ ପୀଡ଼ିତ ହୋଇଥିଲେ। ରୋଗକୁ ଭଲ କରିବାକୁ ସ୍ୱାମୀ ଶତ୍ରୁଘ୍ନ ବିଜୁ ସ୍ୱାସ୍ଥ୍ୟ କାର୍ଡ ଧରି ବିଭିନ୍ନ ଡାକ୍ତରଖାନାକୁ ଦୌଡ଼ିଥିଲେ ବି କିଛି ସୁଫଳ ମିଳି ନ ଥିଲା। ଶେଷରେ ଧାରକରଜ କରି ସ୍ତ୍ରୀଙ୍କୁ ବେସରକାରୀ ଡାକ୍ତରଖାନାରେ ଅପରେଶନ କରାଇଥିଲେ। ସ୍ତ୍ରୀ ଭଲ ହେବାର କିଛିଦିନ ପରେ ପୁଣି ସେ ଗୁରୁତର ଅବସ୍ଥାରେ ଅଛନ୍ତି। ଏଥିମଧ୍ୟରେ ଶତ୍ରୁଘ୍ନ ମୁଖ କ୍ୟାନସରରେ ପୀଡ଼ିତ ହେଲେ। ନିଜ ପାଖରେ ସମ୍ବଳ ନ ଥିବାରୁ ଚିକିତ୍ସା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡର ସାହାରା ନେଇଥିଲେ। ହେଲେ ଡାକ୍ତରମାନେ ଆଜିକାଲି କହି ସମୟ ଗଡ଼ାଇ ଚାଲିଥିଲେ। ଗତ ୧୭ ତାରିଖରେ ଶତ୍ରୁଘ୍ନ ଜିଲାପାଳଙ୍କ ଗ୍ରୀଭାଂଶରେ ବ୍ୟାସ ଫାଉଣ୍ଡେଶନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ସହଯୋଗରେ ନିଜର ଅସୁବିଧା ଜଣାଇଥିଲେ। ପରେ ଜିଲାପାଳ ପାରୁଲ ପଟୱାରି ରେଡକ୍ରସରୁ ସାହାଯ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ସହ ସେଠାରେ ଉପସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲର ଅବସରପ୍ରାପ୍ତ ପ୍ରଫେସରଙ୍କୁ ତୁରନ୍ତ ଚିକିତ୍ସା କହିଥିଲେ।

ସୋମବାର ଏମ୍‌ଆର୍‌ଆଇ କରିବାକୁ କଟକ ଯିବା ପାଇଁ ପଙ୍କପାଳ ରେଳ ଷ୍ଟେଶନରୁ ସକାଳେ ଟ୍ରେନରେ ଚଢୁଥିବା ସମୟରେ ହଟାତ୍ ଶତ୍ରୁଘ୍ନ ତଳେ ପଡ଼ିଯାଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ତେଣୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ରୋଗୀଙ୍କ କାମରେ ଆସୁନି ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଅବହେଳା କରିଥିବା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ଶତ୍ରୁଘ୍ନଙ୍କ ପରିବାରକୁ ସରାକରୀ ସହୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରଧାନ ଶିକ୍ଷକ ଭାଙ୍ଗିଲେ ଶ୍ରେଣୀଗୃହ

## ବିଡିଓ, ବିଇଓଙ୍କୁ ଲିଖିତ ଅଭିଯୋଗ

**ନାଉଗାଁ,୨୩।୫ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତ କଣ୍ଟୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାସ ବେହେରା ଗତ ଶନିବାର ରାତିରେ ବିଦ୍ୟାଳୟରେ ଥିବା ୮ ବଖରା ଆଜବେଷ୍ଟସ ଗୃହ ଭାଙ୍ଗି ଦେଇଥିବା ନେଇ ସରପଞ୍ଚ ଶୁଭ୍ରସ୍ମିତା ପରିଡା ସୋମବାର ବିଡିଓ ଏବଂ ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଏ ବିଷୟରେ ବେହେରା ପୂର୍ବରୁ କୌଣସି ଆଲୋଚନା କରିନାହାନ୍ତି। ଏନେଇ ସରପଞ୍ଚ ପରିଡା ପଚାରିବାରୁ ବେହେରା କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋଇଥିବାରୁ ସେଠାରେ ସେ ଯାହା ଇଚ୍ଛା କରିପାରିବେ ବୋଲି କହିଥିଲେ।

ଏନେଇ ଗୃହ କାହା ନିର୍ଦ୍ଦେଶରେ ଭଙ୍ଗା ଯାଇଛି ତାହାର ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗପତ୍ରରେ ଦାବି କରାଯାଇଛି। ଯଦି ସାତ ଦିନ ମଧ୍ୟରେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତ ପକ୍ଷରୁ ଗଣ ଧାରଣା ଦିଆଯିବ ବୋଲି ସରପଞ୍ଚ ପରିଡା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବେହେରା କହିଛନ୍ତି, ଉକ୍ତ ଶ୍ରେଣୀଗୃହଗୁଡ଼ିକ ଦୀର୍ଘ ଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ଥିଲା। ୨୦୧୭ରେ ଏଗୁଡ଼ିକୁ ଭାଙ୍ଗିବା ପାଇଁ ପୂର୍ବତନ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁସାରେ ଏବେ ଗୃହଗୁଡ଼ିକୁ ଭଙ୍ଗାଯାଇଛି। ଦିନରେ ଘର ଭାଙ୍ଗିବାକୁ ଶ୍ରମିକ ମିଳୁ ନ ଥିବାରୁ ରାତିରେ ଶ୍ରେଣୀଗୃହ ଭଙ୍ଗା ଯାଇଛି। ଏ ସଂକ୍ରାନ୍ତରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି, ବିଇଓ ଏବଂ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏ ବିଷୟରେ ବିଇଓ ମନୋରମା ରାଉତ କହିଛନ୍ତି, ପ୍ରଧାନ ଶିକ୍ଷକ ବେହେରାଙ୍କୁ ମୁଁ କାର୍ଯ୍ୟାଳୟକୁ ଡାକିଛି ତାଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଭଙ୍ଗାଯାଇଥିବା ଶ୍ରେଣୀଗୃହର ଭଗ୍ନାଂଶ।

# ମୁଖ୍ୟ ରାସ୍ତାରେ ଜମୁଛି ପାନୀୟ ଜଳ

- ପାଇପ୍ ଫାଟିବାରୁ ବଢୁଛି ସମସ୍ୟା
- ବିଭାଗ ପାଖରେ ଖବର ନାହିଁ

**ନାଉଗାଁ,୨୩।୫ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ବାଲିଭଉଁରି-ଶିଖର ମୁଖ୍ୟ ରାସ୍ତାର ମୁଣ୍ଡାଳ ନିକଟରେ ପାଇପ୍ ଫାଟି ପାନୀୟ ଜଳ ନଷ୍ଟ ହେଉଛି। ମୁଖ୍ୟ ରାସ୍ତାରେ ପାଇପ୍ ଫାଟିଥିଲେ ମଧ୍ୟ ଏ ସଂକ୍ରାନ୍ତରେ ବିଭାଗ ପାଖରେ ଖବର ନାହିଁ। ଦୀର୍ଘ ୧୫ ଦିନ ହେବ ଅଲଣା ପଞ୍ଚାୟତରେ ଥିବା ନହଡ଼ିପଡା ପାନୀୟ ଜଳ ପ୍ରକଳ୍ପରୁ ଅଲଣା, ମୁଣ୍ଡାଳ ଆଦିକୁ ସଂଯୋଗୀକରଣ ପାଇପ୍ ଦ୍ୱାରା ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି ସଂଯୋଗୀକରଣ ପାଇପ ଫାଟି ପାନୀୟ ଜଳ ମୁଖ୍ୟ ରାସ୍ତାରେ ଜମା ହେଉଛି। ପାଇପ୍ ଫାଟିବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ପାଇପ୍ ଫାଟି ପାନୀୟ ଜଳ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜମି ନର୍ଦ୍ଦମା ସୃଷ୍ଟି କରୁଛି। ତେଣୁ ଉକ୍ତ ପାଇପ୍‌କୁ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଗ୍ରାମ୍ୟ ଜଳ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ରଶ୍ମି ରଞ୍ଜନ ଦାସ କହିଛନ୍ତି, ପାଇପ ଫାଟିବା ବିଷୟରେ ମୁଁ ଅବଗତ ନଥିଲି। ଏହାର ମରାମତି କାର୍ଯ୍ୟ ଯଥାଶୀଘ୍ର କରାଯିବ।

# ବ୍ୟବସାୟୀଙ୍କୁ ଆକ୍ରମଣ: ପ୍ରତିବାଦରେ ବଜାର ବନ୍ଦ

**କୁଜଙ୍ଗ,୨୩।୫ (ଡି.ଏନ୍.ଏ.)**



କୁଜଙ୍ଗ ବଜାରର ଦୋକାନଗୁଡ଼ିକ ବନ୍ଦ ରହିଛି।



ବଣିକ ସଂଘର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

### କୁଜଙ୍ଗ ସାଂସ୍କୃତିକ ମହୋତ୍ସବକୁ ନେଇ ବିବାଦ

କୁଜଙ୍ଗ ସାଂସ୍କୃତିକ ମହୋତ୍ସବକୁ ବିବାଦ ପିଛା ଛାଡୁନାହିଁ। ଏହି ମହୋତ୍ସବ କମିଟି ସଦସ୍ୟଙ୍କ ଦାଦାଗିରି ବିରୋଧରେ ସୋମବାର କୁଜଙ୍ଗ ବଣିକ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରବିବାର ଏହି ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଥିଲା। ଏଥିରେ ଉଦ୍‌ଘାଟକଭାବେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ମନ୍ତ୍ରୀ ଆସିବା ପୂର୍ବରୁ ସାଂସ୍କୃତିକ ମହୋତ୍ସବ କମିଟି ତରଫରୁ ବଜାରର ମୁଖ୍ୟରାସ୍ତା ମେଡିକାଲ ରୋଡର ଉଭୟ ପାର୍ଶ୍ୱରେ କୌଣସି ଯାନବାହନ ନ ରଖିବା ପାଇଁ ବ୍ୟବସାୟୀଙ୍କୁ ତାଗିଦା କରାଯାଇଥିଲ। ଏହି ସମୟରେ ମହୋତ୍ସବରେ ସଦସ୍ୟଥିବା କିଛି ଯୁବକ କେତେଜଣ ବ୍ୟବସାୟୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା । ମାଡ଼ ଖାଇଥିବା ବ୍ୟବସାୟୀ ଜାଫିର ଅଲ୍ଲୀ ଏ ସମ୍ପର୍କରେ ବଣିକ ସଂଘକୁ ଜଣାଇଥିଲେ । ଏହାର ପ୍ରତିବାଦରେ ସକାଳୁ ବଣିକ ସଂଘ ତରଫରୁ ବଜାର ବନ୍ଦ କରାଯାଇ ବଜାରର ମଧ୍ୟଭାଗରେ ଧାରଣା ଦିଆଯାଇଥିଲା। ଖବର ପାଇ ସାଂସ୍କୃତିକ ମହୋତ୍ସବ କମିଟିର କେତେଜଣ ସଦସ୍ୟଙ୍କ ସମେତ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଓ ଏଏନ୍‌ଡି ଯାଦବ ଧାରଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ସେଠାରେ କୌଣସି ନିର୍ଯାସ ବାହାରି ନ ପାରିବାରୁ ପୁନର୍ବାର ଆଲୋଚନାପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ସରପଞ୍ଚ ଓ ବଣିକ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ଡକାଯାଇଥିଲା। ସେଠାରେ ଆଲୋଚନାର ନିଷ୍ପତ୍ତି ଅନୁଯାୟୀ ସାଂସ୍କୃତିକ ମହୋତ୍ସବ କମିଟି ବଣିକ ସଂଘ ନିକଟରେ କ୍ଷମା ପ୍ରାର୍ଥନା କରିବା ସହ ଆଗକୁ ବଜାରରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ହଟିଥିଲା। ଅପରାହ୍ନରେ ଦୋକାନବଜାର ସବୁ ଖୋଲିଥିଲା । ଏହି ଆନ୍ଦୋଳନରେ ବଣିକ ସଂଘର ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ବୃନ୍ଦାବନ ବାରିକ, ଶୁକଦେବ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି ଓ ଦେବେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ମହୋତ୍ସବ କମିଟି ଆବାହକ ତଥା ସମ୍ପାଦକ କୁଜଙ୍ଗ ବିଡିଓ ସୌମଶ୍ରୀ ପାଣିଗ୍ରାହୀ କହିଛନ୍ତି, ଯେଉଁ ସବୁ ସମସ୍ୟା ହୋଇଥିଲା, ତାହାର ସମାଧାନ ହୋଇଯାଇଛି।

ସୂଚନାଯୋଗ୍ୟ, ମହୋତ୍ସବ କମିଟିର ଆବାହକ ପାଣିଗ୍ରାହୀ ୫ ଦିନ ତଳେ ସଂସ୍କୃତି କାହା ବୋପାର ସମ୍ପତ୍ତି ନୁହେଁ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାଧାରଣରେ ନିନ୍ଦା କରାଯାଇଥିଲା।

## ସଂକ୍ଷେପରେ

### ସ୍ୱଚ୍ଛତା ସପ୍ତାହ ପାଳନ ବେଳେ କର୍ମଚାରୀ ଗୁରୁତର

ଭଞ୍ଜନଗର,୨୩ା୫(ଡି.ଏନ.ଏ):ପ୍ରତ୍ୟେକ ସପ୍ତାହର ସୋମବାର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଏନଏସି ଗୁଡିକରେ ସଚ୍ଛତା ସପ୍ତାହ ପାଳିତ ହେଉଛି। ଏହିଭଳି ଭଞ୍ଜନଗର ଏନ୍‌ଏସି ପକ୍ଷରୁ ସୋମବାର ସଚ୍ଛତା ସପ୍ତାହ ପାଳିତ ହୋଇଥିଲା। ପୂର୍ବାହ୍ନ ସାଢେ ୯ ସୁଦ୍ଧା ମନଇଛା ସାହି ପୋଖରୀଠାରେ ହେବାକୁ ଥିବା ଉତ୍ସବରେ ଯୋଗ ଦେବା ପାଇଁ ଚିଠି ହୋଇଥିଲା। କିନ୍ତୁ କାର୍ଯ୍ୟକ୍ରମ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି ସମୟରେ ସଚ୍ଛ ସାଥୀ ଗୀତାଞ୍ଜଳି ତ୍ରିପାଠୀ ପ୍ରବଳ ଗରମ ଯୋଗୁ ଅସୁସ୍ଥ ହୋଇପଡିଥିଲେ। ଏହା ପରେ ତାଙ୍କୁ ଅନ୍ୟ କର୍ମଚାରୀ ମାନେ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। ଖବର ଲେଖା ହେବା ସୁଦ୍ଧା ଗୀତାଞ୍ଜଳି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଏନ୍‌ଏସିର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ ତାଙ୍କର ଶ୍ୱାସ ରୋଗ ଥିବାରୁ ଏହି ସମସ୍ୟା ଉପୁଜିଛି।

### ଯୋଗ, ଅଲିମ୍ପିଆଡ୍ କାର୍ଯ୍ୟକ୍ରମ

ଧରାକୋଟ,୨୩ା୫(ଡି.ଏନ୍.ଏ.)- ଧରାକୋଟ ବ୍ଲକର ୧୪ କ୍ଲଷ୍ଟରରୁ କୃତିତ୍ୱ ହାସଲ କରି ବ୍ଲକସ୍ତରକୁ ଉଚ୍ଚ ପ୍ରାଥମିକ ଓ ମାଧମିକ ବିଦ୍ୟାଳୟରୁ ଯାଇଥିବା ଛାତ୍ରୀଛାତ୍ର ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ଯୋଗ, ପ୍ରାଣାୟମ ଅଲିମ୍ପିଆଡ୍‌ରେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଡିଓ ଡେନିଶ୍ ବେହେରା ଉଦ୍‌ଘାଟନ କରିଥିଲେ। ଏବିଇଓ ତଥା ସିଆର୍‌ସିସି ପ୍ରଦୀପ କୁମାର ହୋତା ଏହାର ପରିଚାଳନା କରିଥିବା ବେଳେ ଅନ୍ୟ ଦୁଇଜଣ ସହକାରୀ ଶିକ୍ଷା ଅଧିକାରୀ ଉମାଚରଣ ପାଣିଗ୍ରାହୀ, ବୁଚିରାଓ ଦୋରା, ସମସ୍ତ କ୍ରୀଡ଼ା ଶିକ୍ଷକ, ଶିକ୍ଷକ ସଂଘ ସଭାପତି ସୁକୃ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ଉଚ୍ଚ ପ୍ରାଥମିକ ସ୍ତରର ୪ ଏବଂ ମାଧମିକ ସ୍ତରର ୪ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରେରଣ କରାଗଲା।

### ଶିବାଜୀଙ୍କ ବିୟୋଗରେ ଡିୱାଇଏଫ୍‌ଆଇର ଶୋକ

କାଶୀନଗର,୨୩ା୫- ଓଡ଼ିଶାର ବାମପନ୍ଥୀ ଆନ୍ଦୋଳନର କର୍ଣ୍ଣଧାର, ଭୁବନେଶ୍ୱର ଲୋକ ସଭା କ୍ଷେତ୍ରର ତିନିଥର ଏମ୍‌ପି, ସାମ୍ରାଜ୍ୟବାଦୀ ଶକ୍ତି ବିରୋଧରେ ଆଜୀବନ ଲଢ଼େଇ କରିଥିବା ବରିଷ୍ଠ ଶ୍ରମିକ ନେତା ସିପିଆଇ(ଏମ୍)ର ପ୍ରାକ୍ତନ କେନ୍ଦ୍ର କମିଟିର ସଭ୍ୟ ଶିବାଜୀ ପଟ୍ଟନାୟକଙ୍କ ୯୨ ବର୍ଷ ବୟସରେ ଗତ ୨୭ରେ ଦେହାନ୍ତ ହୋଇଯାଇଛି। ତାଙ୍କର ମୃତ୍ୟୁ ରାଜ୍ୟର ବାମପନ୍ଥୀ ପ୍ରଗତିଶୀଳ ଆନ୍ଦୋଳନ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ବିୟୋଗରେ ଶୋକ ପ୍ରକାଶ କରି ଶୋକାକୁଳ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ସିପିଆଇ(ଏମ୍)ର ରାଜ୍ୟ କମିଟି ସଭ୍ୟ ଯତୀନ ମହାନ୍ତି, ଜିଲା କମିଟି ସଭ୍ୟ କାର୍ତ୍ତିକ ଶବର, ଯୁବନେତା ଶୁକୁ ଶବର।

### ଚନ୍ଦନଯାତ୍ରା ଅନ୍ତିମ ଦିବସ, ୩ ଠାକୁରଙ୍କ ହରିହର ଭେଟ

ଗଞ୍ଜାମ,୨୩ା୫(ଡି.ଏନ.ଏ.)-ଐତିହାସିକ ଗଞ୍ଜାମ ସହରରେ ପବିତ୍ର ଚନ୍ଦନଯାତ୍ରା ସୋମବାର ଅନ୍ତିମ ଦିବସରେ ପହଞ୍ଚିଛି। ଏହି ଅବସରରେ ତିନି ଠାକୁର ତଥା ଖଣ୍ଡେଶ୍ୱର, ଜଗନ୍ନାଥ ଏବଂ ବାବା ମଦନ ମୋହନ ସ୍ୱାମୀଙ୍କ ଜୟଶ୍ରୀ ଛକଠାରେ ହରିହର ଭେଟ ଅନୁଷ୍ଠିତ ହୋଇଯାଇଛି। ସାମନ୍ତରା ସାହି ଶ୍ରୀ ମଦନ ମୋହନ ଗୋପାଳ ସ୍ୱାମୀଙ୍କ ଚଳନ୍ତି ପ୍ରତିମାକୁ ରତ୍ନବେଦୀରୁ ପାଛୋଟି ଅଣାଯାଇ ଏକ ସୁସଜ୍ଜିତ ଦୋଳବିମାନରୁ ପୁରୁଣା ଜଗନ୍ନାଥଙ୍କ ସହ ତ୍ରିବେଣୀ ମଠ ଛକ ଯାଏ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ମହାଦେବ ଖଣ୍ଡେଶ୍ୱର ଶୋଭାଯାତ୍ରାରେ ଆସିବା ପରେ ତ୍ରିବେଣୀ ମଠ ଛକରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ପରମ୍ପାରିକ ରୀତିନୀତି ଅନୁଯାୟୀ ଦେବମନ୍ତ୍ର ଧ୍ୱନୀରେ ପୂଜାର୍ଚ୍ଚନା ସମାପନ ହୋଇଥିଲା। ଘଣ୍ଟ, ମୃଦଙ୍ଗ, ବାଦ୍ୟବାଜଣା ସହକାରେଠାକୁର ମାନଙ୍କୁ ନଗର ପରିକ୍ରମା କରି ନେଇ ଆସିବାପରେ ଶ୍ରୀମଦନ ମୋହନ ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ଠାକୁର ଚାପରେ ଓ ମହାଦେବ ଖଣ୍ଡେଶ୍ୱର ନିଆଳି ଚାପରେ ଉପବେଶନ ହୋଇ ନୌକା ବିହାର ସହ ପ୍ରତ୍ୟେକ କୋଣରେ ତିନି ଘେରା ଲେଖାଏ ଭଉଁରୀ ଖେଳିଥିଲେ। ପ୍ରଥମ ପର୍ଯ୍ୟାୟରେ ୭ ଘେରା ଚନ୍ଦନ ମଣ୍ଡପରେ ଠାକୁର ମାନଙ୍କ ଚନ୍ଦନ ସ୍ନାନ ପରେ ଦ୍ୱିତୀୟରେ ୨୧ ଘେରା ସହ ଭଉଁରୀ ଖେଳ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ୨୧ ବେଢ଼ା ପରିସମାପ୍ତି ପରେ ଠାକୁରମାନେ ମନ୍ଦିରକୁ ବିଜେ କରିବା ଚାପକୁ ପୋଖରି ଜଳରେ ବୁଡେଇବା ପରେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପଙ୍କ ଖେଳ ପରେ ଯାତ୍ରା ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# ୬ ବର୍ଷ ହେଲା ସରୁନି ସିର୍ତିଗୁଡା ଗ୍ରୀଡ କାର୍ଯ୍ୟ

**ଫୁଲବାଣୀ ଅଫିସ, ୨୩ା୫**

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ସିର୍ତିଗୁଡା ସବଷ୍ଟେଶନ ଗ୍ରୀଡ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହେଉନି । ଏହା ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବିଭାଗ ପକ୍ଷରୁ କୁହାଯାଉଛି । କେବେ ଏହା ସରିବ ଏବଂ କାର୍ଯ୍ୟକାରୀ ହେବ ତାହାକୁ ନେଇ ଲୋକେ ଚାହିଁ ବସିଛନ୍ତି । ଗ୍ରୀଡ଼ରୁ ଅନ୍ୟ ଏକ ଗ୍ରୀଡକୁ ବିଦ୍ୟୁତ ଯିବା ପାଇଁ ଗଛ ବାଧା ସାଜୁଛି । ଯାହାକୁ ନେଇ ଜନ ଅସନ୍ତୋଷ ମଧ ସୃଷ୍ଟି ହୋଇଛି । ସ୍ଥାନୀୟ ବିଧାୟକ ଓ ଏମପିଙ୍କ ଇଚ୍ଛାଶକ୍ତି ଅଭାବରୁ କାମ ସରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ବାଲିଗୁଡାରେ ବିଦ୍ୟୁତ ସେବାର ଉନ୍ନତି ଆଣିବା ପାଇଁ କଳାହାଣ୍ଡି ଜିଲାରୁ ବିଦ୍ୟୁତ ଆଣିବା ଲାଗି ବ୍ୟବସ୍ଥା କରାଯାଇଥିଲା। ବାଲିଗୁଡା ନିକଟସ୍ଥ ସିର୍ତିଗୁଡାରେ ଗ୍ରୀଡ ସବଷ୍ଟେଶନ (୨୨୦/୩୩କେଭି) କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୬ ଫେବୃୟାରୀରେ ଏହାକୁ ଶକ୍ତିମନ୍ତ୍ରୀ ଶିଳାନ୍ୟାସ କରିଥିଲେ । ୧୦୨ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ୨୦୧୮ ମାର୍ଚ୍ଚ ମାସରୁ ଉକ୍ତ ଗ୍ରୀଡରୁ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଦେବାର ଲକ୍ଷ୍ୟ ରହିଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା କାମ ସରୁନାହିଁ । କେତେଜଣ ଲୋକ ଟାୱାର ସ୍ଥାପନ ପାଇଁ ଜାଗା ଛାଡୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି।

ଏହି ଗ୍ରୀଡ କାର୍ଯ୍ୟକ୍ଷମ ହେଲେ ବାଲିଗୁଡା ବ୍ଲକ ସମେତ କୋଟଗଡ, ତୁମୁଡିବନ୍ଧ, କ.ନୁଆଗାଁ, ଦାରିଙ୍ଗବାଡି, ରାଇକିଆ ଆଦି ବ୍ଲକ ଅଞ୍ଚଳବାସୀ ଉପକୃତ ହୋଇପାରିବେ। କନ୍ଧମାଳକୁ ବଣ ଜଙ୍ଗଲ ଘେରି ରହିଥିବା କାରଣରୁ ସାମାନ୍ୟ ବର୍ଷା ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହୁଏ । ଏପରିକି ରାତି ତମାମ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡେ । ଅନ୍ୟପକ୍ଷରେ ବାଲିଗୁଡା ଉପଖଣ୍ଡରେ ସମସ୍ତ ବ୍ଲକରେ ଅଧିକ ସମୟ ଲୋ ଭୋଲଟେଜ ଓ ବାରମ୍ବାର ପାୱାର କଟ୍ ହେଉଛି । ବର୍ଷାଦିନେ ବିଦ୍ୟୁତ ସରବରାହ ସମସ୍ୟା ନ କହିବା ଭଲ । ବାଲିଗୁଡାକୁ ବର୍ତ୍ତମାନ ଫୁଲବାଣୀ ଗ୍ରୀଡରୁ ବିଦ୍ୟୁତ ଆସୁଛି । ଫୁଲବାଣୀକୁ ଗଞ୍ଜାମ ଜିଲା କଣ୍ଟେଇପଲ୍ଲୀ ଗ୍ରୀଡରୁ ବିଦ୍ୟୁତ ଯୋଗାଣ ହେଉଛି ।

୨୦୧୨ରେ ବାଲିଗୁଡା ଅଞ୍ଚଳରେ ୭ ମେଗାୱାଟ ବିଦ୍ୟୁତ ଆବଶ୍ୟକ ହେଉଥିଲା। ଏବେ ୧୮ ମେଗାୱାଟ ବିଦ୍ୟୁତର ଆବଶ୍ୟକତା ଅଛି । ନିର୍ମାଣ ଚାଲିଥିବା ଗ୍ରୀଡର ପ୍ରାୟ ୯୦ ପ୍ରତିଶତ କାମ ସରିଯାଇଛି । କିନ୍ତୁ ବନ ବିଭାଗ ଯୋଗୁ କାମ ଅଟକି ଯାଇଛି । ଏଥିଲାଗି ୧୯ କି.ମି. ଲମ୍ବା ଓ ୩୫ ମିଟର ଓସାରରେ କରିଡର ତିଆରି ହେବ । ଯାହା ଫଳରେ ୫୦ହଜାର ଗଛ କଟାଯିବ। ରାମପୁର, କୃର୍ତ୍ତମଗଡ, ପାଟାମାହାରୁ ଅଧିକ ଗଛ କଟାଯିବ । ଏହି ୫୦ ହଜାର ଗଛ କାଟିବାକୁ କେନ୍ଦ୍ର ଫରେଷ୍ଟ ବିଭାଗରୁ ମଞ୍ଜୁର ମିଳୁନାହିଁ। ବନ ବିଭାଗର ମଞ୍ଜୁରୀ ମିଳିବା ପରେ ହିଁ ଗଛ କଟା ହେବ । ଏହି ଗ୍ରୀଡ ପାଇଁ ଆବଶ୍ୟକ ୩୮୨ଟି ଟାୱାର ତିଆରି ହେବ। ଏଥି ମଧ୍ୟରୁ ୩୨୪ଟି କାମ ସରିଛି । ବାକି ୫୮ଟି ଟାୱାର ରିର୍ଜଭ ଫରେଷ୍ଟ ମଧ୍ୟରେ ରହିଛି । ଏ ନେଇ ବାଲିଗୁଡା ବିଦ୍ୟୁତ ବିଭାଗର ଯନ୍ତ୍ରୀ କୁହନ୍ତି ଯାହା ସବୁ ସମସ୍ୟା ଅଛି ତାହା ସମାଧାନ କରାଯିବା ପାଇଁ ଚେଷ୍ଟା ଚାଲିଛି । କିଛି ସମାଧାନ ହେଲାଣି। ଜଙ୍ଗଲ ଜମି ସମସ୍ୟା ରହିଛି । ଆମେ ଚାହୁଁଛୁ କାମ ଶୀଘ୍ର ସାରି ଲୋକଙ୍କୁ ସେବା ଦେବାକୁ । କେତେ ଦିନ ଏହା ଲାଗିବ ତାହା କହିବା ସମ୍ଭବପର ନୁହେଁ । ଏ ବିଷୟରେ ଉପରିସ୍ଥ ଅଧିକାରୀମାନେ କହି ପାରିବେ ବୋଲି କହିଛନ୍ତି।

# ପ୍ରେସରକୁକର ଫାଟି ପାଚିକା ଗୁରୁତର

**ଶେରଗଡ଼,୨୩ା୫(ଡି.ଏନ୍.ଏ.)**

ଶେରଗଡ଼ ବ୍ଲକ ପୁନାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନରେ ପ୍ରେସରକୁକର ଫାଟି ଜଣେ ପାଚିକା ଗୁରୁତର ହୋଇଛନ୍ତି। ସେ ହେଲେ ଜୟନ୍ତୀ ପଟ୍ଟନାୟକ। ଜୟନ୍ତୀ ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ରାନ୍ଧୁଥିଲେ। ଡାଲି କରିବା ଲାଗି ଗ୍ୟାସ୍‌ଚୁଲାରେ ପ୍ରେସରକୁକର ବସାଇଥିଲେ। ହଠାତ୍ କୌଣସି କାରଣରୁ କୁକରଟି ଫାଟିଯାଇଥିଲା। ଫଳରେ ଜୟନ୍ତୀ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବିଦ୍ୟାଳୟ କର୍ମଚାରୀ ଓ ପରିବାର ପକ୍ଷରୁ ପ୍ରଥମେ ହିଞ୍ଜିଳି ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ବିଆର୍‌ସିସି ଦାୟିତ୍ୱରେ ଥିବା ଏବିଇଓ ସୌରୀ ଶଙ୍କର ବେହେରା ପହଞ୍ଚି ବିଦ୍ୟାଳୟ ପରିଦର୍ଶନ କରିବା ସହ ଡାକ୍ତରଖାନା ଯାଇ ଜୟନ୍ତୀଙ୍କ ଅବସ୍ଥା ତଦାରଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଯୋଗାଯାଇଥିବା ରୋଷେଇ ସରଞ୍ଜାମ ପୁରୁଣା ହୋଇଯାଇଛି। ତେଣୁ ପ୍ରତିବର୍ଷ ବା ୨ବର୍ଷକୁ ଥରେ ଏହି ଜିନିଷଗୁଡ଼ିକ ଯୋଗାଣ ହେଲେ ରୋଷେୟାଙ୍କ କୌଣସି ଅସୁବିଧା ହୁଅନ୍ତା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଚିକାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଶିକ୍ଷା ବିଭାଗ ଗ୍ରହଣ କରୁ ବୋଲି ଯୁବ ସରପଞ୍ଚ କୃଷ୍ଣଚନ୍ଦ୍ର ସୁଆଁସିଆ କହିଛନ୍ତି।

# ଜଳିଗଲା ଗ୍ରେଡର ମେଶିନ୍



ଜଳିଯାଉଥିବା ଗ୍ରେଡର ମେଶିନ।

**କ.ନୂଆଗାଁ,୨୩ା୫(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ. ନୂଆଗାଁ ଥାନା କଞ୍ଚାମେଣ୍ଡି ଛକ ଜାତୀୟ ରାଜପଥ କଡ଼ରେ ଥିବା ଗ୍ରେଡର ମେଶିନ୍‌ରେ ହଠାତ୍ ନିଆଁ ଲାଗି ଜଳିଯାଇଛି। ଏହା ଏକ ଘରୋଇ ଠିକା ସଂସ୍ଥାରେ ନିୟୋଜିତ ଥିଲା। ଶର୍ଟସର୍କିଟ ଯୋଗୁ ସେଥିରେ ନିଆଁ ଲାଗି ଯାଇଥିବା ସେଠାରେ ଉପସ୍ଥିତ ଥିବା ଠିକା ସଂସ୍ଥାର କର୍ମଚାରୀ କହିଛନ୍ତି। କ.ନୂଆଗାଁ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀକୁ ଖବର ଦେଇଥିଲା। ଦମକଳ ଗାଡ଼ି ପହଞ୍ଚିବା ବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା ।

# ଜମି,ଜଙ୍ଗଲ ଅଧିକାର ଦାବିରେ ତହସିଲ କାର୍ଯ୍ୟାଳୟ ଘେରାଉ




ବିକ୍ଷୋଭ କରାଯାଉଛି ।

**ଶେରଗଡ଼,୨୩ା୫(ଡି.ଏନ୍.ଏ.)**

ଭୂମିହୀନଙ୍କୁ ଜମି, ଘରଡିହ ପଟ୍ଟା, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆଦିବାସୀଙ୍କୁ ଜଙ୍ଗଲ ଜମିପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁଇ ଶହ ଦିନ କାମ, ସର୍ବନିମ୍ନ ମଜୁରୀ, ବନ୍ଦ ହୋଇଥିବା ସରକାରୀ ସ୍କୁଲଗୁଡିକୁ ପୁନଃ ଖୋଲିବା ଆଦି ଦାବିରେ ଅଖିଳ ଭାରତ କିଶାନ ମଜଦୁର୍ ସଭା ପକ୍ଷରୁ ସୋମବାର ଶେରଗଡ ତହସିଲ ଓ ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ହାଟବନ୍ଧଠାରୁ ବ୍ଲକର ବିଭିନ୍ନ ଗାଁରୁ ଆସିଥିବା ଶହ ଶହ ଚାଷୀ, ଭାଗଚାଷୀ, ଆଦିବାସୀ ନିଜ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଲୋକେ ଅର୍ନିଦ୍ଦିଷ୍ଟ କାଳ ପାଇଁ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଥିଲା। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଏଆଇକେଏମ୍‌ଏସ୍‌ର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ବ୍ଲକ ସଭାପତି ଏଜିକଲ ଗମାଙ୍ଗ, ସମ୍ପାଦକ ରୋହିତ ଗୌଡ, ସନିଆ ମଳିକ, ଥୋମାସ ଗମାଙ୍ଗ, ବିଦେଶୀ ମଳିକ, ନିରଞ୍ଜନ ଦାସ, ସୁରେଶ ନାୟକ, ପଞ୍ଚୁ ମଳିକ, ସୁମା ଗମାଙ୍ଗ, ଏସୋ ଦଳବେହେରା ଏବଂ ଶ୍ରମିକ ସଂଗଠନ ଆଇଏଫଟିୟୁର ନେତା ପ୍ରତାପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ଆସନ୍ତା ମାସ ପ୍ରଥମ ସପ୍ତାହରୁ ରାଜସ୍ୱ ଅଧିକାରୀମାନେ ଗାଁକୁ ଯାଇ ପଟ୍ଟା ଦେବାର ପ୍ରକ୍ରିୟାକୁ ଆରମ୍ଭ କରିବେ ବୋଲି କହିବାରୁ ବିକ୍ଷୋଭ ହଟିଥିଲା ।

### ପୂର୍ବତନ ଏନ୍‌ଏସି ଅଧକ୍ଷଙ୍କ ବିୟୋଗ

**ଭଞ୍ଜନଗର,୨୩ା୫(ଡି.ଏନ୍.ଏ.)**

ଭଞ୍ଜନଗର ଏନ୍‌ଏସିର ପୂର୍ବତନ ଅଧକ୍ଷ ଏମ୍.ଡି. ଲତିଫ୍ ରହେମାନ (୮୦)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ସୋମବାର ମରଶରୀରକୁ ଏନ୍‌ଏସି କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତିମାନେ ଅନ୍ତିମ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ରହେମାନ ୧୯୯୨ରେ ଭଞ୍ଜନଗର ଏନ୍‌ଏସିର ଅଧକ୍ଷ ଭାବେ ଜନତା ଦଳରୁ ନିର୍ବାଚିତ ହୋଇଥିଲେ। ବିଭିନ୍ନ ପଦପଦବୀରେ ମଧ ଥିଲେ। ତାଙ୍କ ବିୟୋଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ବରିଷ୍ଠ ନେତାମାନେ ଶୋକ ବ୍ୟକ୍ତ କରିଛନ୍ତି।

# ସିପିଆଇ ଅଞ୍ଚଳ ପରିଷଦ ବୈଠକ

**ଭଞ୍ଜନଗର,୨୩ା୫(ଡି.ଏନ୍.ଏ.)**




ମଞ୍ଚାସୀନ ଅତିଥିବୃନ୍ଦ।

ସ୍ଥାନୀୟ ନାୟକ ଭବନରେ ରବିବାର ସିପିଆଇ ଜଗନ୍ନାଥପ୍ରସାଦ ଅଞ୍ଚଳ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁଡି ଶାଖା ସମ୍ପାଦକ ତଥା ସରପଞ୍ଚ ଶ୍ୟାମଘନ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ପାର୍ଟିରୁ ସେ ଏକମାତ୍ର ସରପଞ୍ଚ ନିର୍ବାଚିତ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଜାତୀୟ ତଥା ରାଜ୍ୟ ପରିଷଦ ବୈଠକରେ ଗୃହୀତ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ପରିଷଦ ସଭ୍ୟ ସୋମନାଥ ନାୟକ ଉଦବୋଧନ ଦେଇ କହିଥିଲେ ଘୁମୁସର ହେଉଛି ବିପ୍ଳବର ମାଟି । ଲାଲସିଂ ଗ୍ରାମରେ ଗଞ୍ଜାମ ଜିଲା କମ୍ୟୁନିଷ୍ଟ ପାର୍ଟିର ବୀଜବପନ ହୋଇଥିଲା । ଓଡିଶାର ଲେନିନ ଗୋବିନ୍ଦ ପ୍ରଧାନ ଘୁମୁସରକୁ ଆସି ଭାଗଚାଷୀ ଆନ୍ଦୋଳନ, ବଞ୍ଜରଚାଷୀ ଆନ୍ଦୋଳନକୁ ପ୍ରଜ୍ଜଳିତ କରିଥିଲେ। ଲାଲସିଂର ଚାଷୀନେତା ମାଧବ ରାଉତ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ। କମ୍ରେଡ ହରି ପତି, ଅନ୍ତର୍ଯ୍ୟାମି ପ୍ରଧାନ, ଅନ୍ତର୍ଯ୍ୟାମି ଆଚାର୍ଯ୍ୟ, ରଙ୍ଗନାଥ ସାଠୁଆ, ଭୀମ ବିଶୋୟୀ, ସଦାନନ୍ଦ ପଣ୍ଡା ପ୍ରମୁଖ ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ବର୍ତ୍ତମାନ ଯୁବପିଢି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ପୁଣିଥରେ ଘୁମୁସର ମାଟିରେ ସଙ୍ଗଠନ ମଜବୁତ ହୋଇପାରିବ ବୋଲି କହିଥିଲେ। ନିମନ୍ତ୍ରିତ ଶ୍ରମିକନେତା ହରିକୃଷ୍ଣ ସାହୁ, ଅଞ୍ଚଳ ସମ୍ପାଦକ ବିପ୍ରଚରଣ ନାୟକ, ସୁରେନ୍ଦ୍ର ପଟ୍ଟନାୟକ, ବିଦେଶୀ ନାୟକ, ମାଙ୍କୁ ନାୟକ, ଚାଷୀନେତା ମାଧବ ନାୟକ, ପବିତ୍ର ନାୟକ, ମହେନ୍ଦ୍ର ପାତ୍ର ପ୍ରମୁଖ ଶାଖା ସମ୍ପାଦକମାନେ ଆଲୋଚନାରେ ଭାଗ ନେଇଥିଲେ। ଚଳିତ ମାସ ଶେଷସୁଦ୍ଧା ସଭ୍ୟପଦ ନବୀକରଣ କରିବା ପାଇଁ ଓ ଜୁନ ମାସ ୧୫ ତାରିଖ ସୁଦ୍ଧା ଶାଖା ସମ୍ମିଳନୀ ଗୁଡିକ ଶେଷକରିବା ପାଇଁ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି । ଏଥିସହ ଗତବର୍ଷର ଝଡ଼ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବିରେ ଆଗାମୀ ଦିନରେ ଜଗନ୍ନାଥପ୍ରସାଦ ଓ ଭଞ୍ଜନଗର ତହସିଲ ଅଫିସ ଘେରାଉ କରିବା ପାଇଁ ମଧ ନିଷ୍ପତ୍ତି ହୋଇଛି । ଶେଷରେ ମାଧବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବେଶ ସନ୍ତୁଳନରେ କଇଁଛଙ୍କ ଭୂମିକା ଅତୁଳନୀୟ

**ଗଞ୍ଜାମ,୨୩ା୫(ଡି.ଏନ୍.ଏ.)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବିଶ୍ୱ କଇଁଛ ଦିବସ**

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ପୀଠ କଲ୍ୟାଣ ମଣ୍ଡପଠାରେ ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା କମିଟି ପକ୍ଷରୁ ସୋମବାର ବିଶ୍ୱ କଇଁଛ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ବିଡିଓ ବିଶ୍ୱଜିତ ରାୟ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଏସିଏଫ୍ ଅଶୋକ କୁମାର ବେହେରା, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ସରପଞ୍ଚ ସଂଯୁକ୍ତା ପ୍ରଧାନ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବଟେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପୀତାମ୍ବର ସ୍ୱାଇଁ, ୟୁକୋ କ୍ଲବ ଜିଲା ସଂଯୋଜକ ଶଙ୍କର ନାରାୟଣ ବେଜ, ପୂର୍ବତନ ସମିତି ମେମ୍ବର ଛାୟାକାନ୍ତ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ ପ୍ରମୁଖ ମଞ୍ଚାସୀନ ଥିଲେ। କଇଁଛ ସୁରକ୍ଷା କମିଟି ସମ୍ପାଦକ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଋଷିକୁଲ୍ୟା ମୁହାଣ କଇଁଛଙ୍କ ଅଣ୍ଡାଦାନ ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଋଷିକୁଲ୍ୟା ବେଳାଭୂମିରେ ପ୍ରତିବର୍ଷ ଗଣ ଅଣ୍ଡାଦାନ ଯୋଗୁ ଉକ୍ତ ଅଞ୍ଚଳ ବିଶ୍ୱରେ ପରିଚିତ ହୋଇପାରିଛି। ବନ ବିଭାଗ ପକ୍ଷରୁ ଏହି ସାମୁଦ୍ରିକ କଇଁଛଗୁଡ଼ିକ ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଅଣ୍ଡାରୁ ଫୁଟିବା ପରେ ଛୁଆ କଇଁଛ ବିଭିନ୍ନ କାରଣରୁ ମୃତ୍ୟୁବରଣ କରୁଥିଲେ। ବର୍ତ୍ତମାନ ରାଜ୍ୟ ସରକାର, ଜିଲା ପ୍ରଶାସନ ଏବଂ ବନ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବେଳାଭୂମିକୁ ଉଚିତ ସ୍ଥାନ ଭାବି ଲକ୍ଷ ଲକ୍ଷ କଇଁଛ ଅଣ୍ଡାଦାନ କରୁଛନ୍ତି। ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଅଣ୍ଡାଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରବୀନ୍ଦ୍ର କୁମାର ସାହୁ, ରଞ୍ଜିତ କୁମାର ପଲାଇ, ମାଗତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଆସିକା,୨୩ା୫(ଡି.ଏନ୍.ଏ.)**

ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏମପି ପ୍ରମିଳା ବିଷୋୟୀ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୩୮ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ଏତଦ ଅବସରରେ ୨୯ଜଣଙ୍କୁ ୩ଚକିଆ ସାଇକେଲ, ୪ଜଣଙ୍କୁ ଆଶାବାଡି, ୬ଜଣଙ୍କୁ ୨ଚକିଆ ସାଇକେଲ, ୧୫ଜଣଙ୍କୁ ଶ୍ରବଣ ଯନ୍ତ୍ର, ୩୯ଜଣ ଭିନ୍ନକ୍ଷମଙ୍କୁ ଭତ୍ତା ସହ ୬୮ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ସହାୟତା ନିମନ୍ତେ ଭିନ୍ନକ୍ଷମଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆରଡିଏ ପିଡି ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସଡିପିଓ ଉମାଶଙ୍କର ସିଂ, ବିଡିଓ ରୋସନ ଶତପଥୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଅଧିକାରୀ ଅଭିନ୍ନ କୁମାର ଜେନା, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଉପାଧକ୍ଷା ରେସମା ଦୋରା, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିମା ପରିଡା, ତନ୍ମୟୀ ନାହାକ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୩୩୮ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ ।

# ମା' ବରାଳ ଦେବୀ ମନ୍ଦିରରୁ ଚୋରି



ମନ୍ଦିରରେ ପୋଲିସର ତଦନ୍ତ ।

**ବଲସକୁମ୍ପା,୨୩ା୫**

ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ଥିବା ମା' ବରାଳ ଦେବୀ ମନ୍ଦିରରେ ରବିବାର ରାତିରେ ଦୁର୍ବୃତ୍ତମାନେ ଦକ୍ଷିଣ ଦ୍ୱାର କବାଟ ଭାଙ୍ଗି ଭିତରେ ପ୍ରବେଶ କରି ଦାନହୁଣ୍ଡିର ଟଙ୍କା ଚୋରି କରିଛନ୍ତି। ଏ ନେଇ ସୋମବାର ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନ ଖଜୁରିପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ ନଂ.୬୬/୨୨ରେ ଏକ ମାମଲା ରୁଜୁ କରିଛି। ଥାନାଧିକାରୀ ଗେଲି କୁମାରୀ ସାହୁଙ୍କ ସମେତ ପୋଲିସ ବାହିନୀ ମା' ବରାଳ ଦେବୀ ମନ୍ଦିରକୁ ଆସି ଚୋରି ସମ୍ପର୍କରେ ଅଞ୍ଚଳବାସୀ, ଦେହୁରୀ ଏବଂ କମିଟିର କର୍ମକର୍ତ୍ତାବୃନ୍ଦଙ୍କୁ ପଚରାଉଚରା କରିବା ପରେ ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି ଥାନାଧିକାରୀ ସାହୁ। ସେହିପରି ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକ ଅଧିକାରୀ ସବିତା ନାୟକ ମଧ ମନ୍ଦିରରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହେବା ସହ ଏହାର ତଦନ୍ତ ଶୀଘ୍ର କରିବାକୁ କହିଥିଲେ। ଚୋରମାନେ ମା'ଙ୍କ ଦାନହୁଣ୍ଡିରୁ ଆଠମାସର ଦାନ ଟଙ୍କା ଆନୁମାନିକ ୬୦ ହଜାର ଚୋରିକରି ନେଇଥିବା ସନ୍ଦେହ କରିଛନ୍ତି।

### ଗୁଟ୍‌ଖା ଧରପଗଡ଼

**କାଶୀନଗର,୨୩ା୫**

କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଦୋକାନ ଉପରେ ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଡ଼ାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିବା ସହ ଦୋକାନୀମାନଙ୍କଠାରୁ ଜରିମାନା ଆଦାୟ କରିଥିଲେ।

# ଓଡ଼ିଆ ଭାଷାକୁ ସରକାରୀ ମାନ୍ୟତା ଦାବି ତେଜିଲା

**ଫୁଲବାଣୀ ଅଫିସ, ୨୩ା୫**

ଓଡ଼ିଶାର ତତ୍କାଳୀନ ବରପୁତ୍ରଙ୍କ ନିଷ୍ପାପର ନିଃସ୍ୱାର୍ଥପର ଲଢ଼େଇ ଫଳରେ ଇଂରେଜ ସରକାର ଭାଷା ଭିତ୍ତିରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେଲେ। ଓଡ଼ିଆ ଭାଷା କାର୍ଯ୍ୟକାରୀ କରିବାକୁ ଘୋଷଣା କଲେ। ଦେଶ ସ୍ୱାଧୀନର ୧୫ ବର୍ଷ ମଧ୍ୟରେ ପ୍ରାଦେଶିକ ଭାଷାରେ ରାଜ୍ୟ ଶାସନ ପାଇଁ ସମ୍ବିଧାନରେ ନିର୍ଦ୍ଦେଶ ରହିଛି। ୧୯୫୪ ମସିହାରେ ପ୍ରଥମ ବିଧାନସଭାରେ ମନିଷି ନବକୃଷ୍ଣ ଚୌଧୁରୀ ଭାଷା ଆଇନ ପ୍ରଣୟନ କଲେ। କିନ୍ତୁ ୧୯୬୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଅଗଣତାନ୍ତ୍ରିକ ଭାବେ ଓଡ଼ିଆ ଭାଷା ସହିତ ଇଂଲିଶ ଭାଷା ପ୍ରଚଳନ ହେବ ବୋଲି ଏକ ଆଧାଦେଶ ଆଣିବାରୁ ଓଡ଼ିଆ ଭାଷା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହାକୁ ନେଇ ଫୁଲବାଣୀ ଲେଖକ ସାମୁଖ୍ୟ ଠାରେ ଅନଲାଇନ ମାଧ୍ୟରେ ଆମ ଭାଷାର ସ୍ଥିତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାଷାପ୍ରେମୀ ସୁବାସ ଚନ୍ଦ୍ର ପଟ୍ଟନାୟକ ସରକାରଙ୍କୁ ଦେଇଥିବା ପରାମର୍ଶ ସମ୍ପର୍କରେ ସୂଚନା ଦେଇଥିଲେ।

ଭାଷା ଆନ୍ଦୋଳନ ୬ବର୍ଷ ହେଲା କଳାପତକା ଅଭିଯାନ ମାଧ୍ୟମରେ ଚାଲିଛି। ମୁଖ୍ୟମନ୍ତ୍ରୀ ଭାଷା ବିଧେୟକରେ ସଂଶୋଧନ ଆଣିବାକୁ କ୍ୟାବିନେଟ ନିଷ୍ପତ୍ତି ନେଉଥିବା ବେଳେ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପରିବର୍ତ୍ତନ କରୁଥିବା ଦେଖାଯାଉଛି। ଓଡ଼ିଆ ଆମର ମାତୃଭାଷା। ମାତୃଭାଷାରେ ଶାସନ ଆମ ଅଧିକାର। କିନ୍ତୁ ଶୋଷକ ଗୋଷ୍ଠୀ ତାହା କରାଇ ଦେଉନାହାନ୍ତି। ଓଡ଼ିଆ ଭାଷା ଆମର ଅସ୍ମିତା ଓ ଗୌରବ। ତେଣୁ ଆମେ ଭାଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଲେଖକ ସାମୁଖ୍ୟର ରବିନ୍ଦ୍ରନାଥ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ବୈକୁଣ୍ଠନାଥ ସ୍ୱାଇଁ, ଅଖିଳ ବିଶ୍ୱାଳ, ପ୍ରଶନ୍ନ ପଣ୍ଡା, ରାଜ କିଶୋର ପାଢ଼ୀ, କୈଳାସ ବେହେରା, ରବୀନ୍ଦ୍ର ନାଥ ରଥଙ୍କ ସମେତ ୧୪ଟି ଜିଲାର ଭାଷାପ୍ରେମୀ ଏଥିରେ ଯୋଗଦେଇ ନିଜ ମତ ରଖିଥିଲେ। ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପରିଡ଼ା ସବୁ ଜିଲାର ଓଡ଼ିଆ ଭାଇଭଉଣୀ ଏହି ଆନ୍ଦୋଳନରେ ଯୋଗଦେଇ ଆମ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ପର୍ଯ୍ୟନ୍ତ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।